ବର୍ଷ-୨୫, ସଂଖ୍ୟା-୧୯୦
ଭୁବନେଶ୍ୱର
୧୭, ଜୁଲାଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 190
Bhubaneswar
17, July, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଭିନୟ ଜଗତକୁ ନେଇ ଖୁସି ମୁଖାର୍ଜୀଙ୍କ ବଡ଼ ଖୁଲାସା



# ଲୋୟର ପିଏମଜିରେ ଗର୍ଜିଲା ବିଜେଡ଼ି



**ଭୁବନେଶ୍ୱର,୧୬।୭(ମହାଭାରତ):** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ସାରା ରାଜ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ପ୍ରତିବାଦ ତୀବ୍ର ରୂପ ଧାରଣ କରିଛି। ଆଜି ଏହି ଘଟଣାରେ ବିଜେଡି ଲୋକସେବା ଭବନ ଘେରାଉ କରିଥିବାବେଳେ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଛି। ପୋଲିସ-ବିଜେଡି କର୍ମୀ ଧସ୍ତା ଧସ୍ତି ହୋଇଛନ୍ତି। ଏଥିରେ କିଛି ବିଜେଡି ନେତା କର୍ମୀ ଆହତ ହୋଇଥିବାବେଳେ ୭ ଜଣ ପୋଲିସ ଆହତ ହୋଇଛନ୍ତି। ପୋଲିସ ଶତାଧିକ ବିଜେଡି ନେତାଙ୍କୁ ଗିରଫ କରିଛି। ସେହିପରି ବିଜେଡି ଡାକିଥିବା ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ସଫଳ ହୋଇଛି।

ଆଜି ସକାଳୁ ସକାଳୁ ବିଜେଡି ନେତା କର୍ମୀ ଲୋୟର ପିଏମଜିରେ ଠୁଳ ହୋଇଥିଲେ। ଉଦ୍ଦେଶ୍ୟ ଥିଲା ଲୋକସେବା ଭବନ ଘେରାଉ। ହଜାର ହଜାର ବିଜେଡି କର୍ମୀ ଶୋଭାଯାତ୍ରାରେ ଆସି ଲୋକସେବା ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ (ପୃ-୭)ଚେଷ୍ଟା କରିଥିଲେ। ଏଥିଲାଗି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଗ୍ରହଣ କରାଯାଇଥିଲା। ପୋଲିସ ବ୍ୟାରିକେଡ ବ୍ୟବସ୍ଥା କରିଥିଲା। ପୁଲିସ ଓ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ବିଜେଡି କର୍ମୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି । ଫଳରେ ଲୋୟର ପିଏମଜି ରଣକ୍ଷେତ୍ର ପାଲଟିଥିଲା। ଜୟଦେବ ଭବନ ନିକଟରେ ବିଜେଡି ବିଧାୟକ ହୋହଲା କରିଛନ୍ତି। ପୋଲିସ ସହ ଧସ୍ତା ଧସ୍ତି ହୋଇଥିଲା। ବିଜେଡି କର୍ମୀଙ୍କ ଉପରକୁ ପାଣି ମାଡ କରାଯଇଥିଲା। ତଥାପି ବିଜେଡି କର୍ମୀ ପ୍ରଥମ ବ୍ୟାରିକେଡ୍ ଭାଙ୍ଗିଦେଇ ଆଗକୁ ମାଡ଼ିଯାଇଥିଲେ। ସ୍ଥିତି ଭୟାବହ ହେବାରୁ ପୋଲିସ ଲୁହବୁହା ଗ୍ୟାସ ସହ ପ୍ରୟୋଗ କରାଯାଇଥିଲା। ତେବେ ଚଳାଚକଟା ଯୋଗୁଁ ଆହତ ହୋଇଛନ୍ତି ବିଜେଡିର ବଡ ବଡ ନେତା । ବବି ଦାସ, ଡାନି ଘଡେଇ, ସୁଲତା ଦେଓ, ପ୍ରମିଳା ମଲ୍ଲିକ, ସୁନିଲ ମହାନ୍ତି, ବିଶ୍ୱ ମଲ୍ଲିକ, ଜିତୁ ବଳବନ୍ତରାୟ, ସଞ୍ଜୀବ ମଲ୍ଲିକ ପରି ନେତା ଆହତ ହୋଇ ବିଭିନ୍ନ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ବବି ଦାସଙ୍କୁ ଆପୋଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ବିଜେଡି ର ପ୍ରତିବାଦ ବେଳେ ୭ ଜଣ ପୋଲିସ କର୍ମୀ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରତିବାଦ ସମୟରେ ପୋଲିସ ଓ ବିଜେଡି ନେତା ମୁହାଁମୁହିଁ ହୋଇଥିଲେ। ଏହାରି ଭିତରେ ବିଜେଡି ନେତାଙ୍କ ସହ ପୋଲିସ ବି ଆହତ ହୋଇଛନ୍ତି। ପୋଲିସ କମିଶନର ସୁରେଶ ଦେବ ଦତ ସିଂହ ଆହତ ପୋଲିସ କର୍ମୀଙ୍କୁ କ୍ୟାପିଟାଲ ହସ୍ପିଟାଲ ରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆନ୍ଦୋଳନକାରୀଙ୍କୁ ଉଠାଇନେଇଛି ପୁଲିସ୍। କିଛି ଆନ୍ଦୋଳନକାରୀଙ୍କୁ ପୁଲିସ ଜୋର ଜବରଦସ୍ତ ଉଠାଇ ନେଇଛି।

ଆନ୍ଦୋଳନକାରୀଙ୍କ ଦାବି ରହିଛି କି ମୃତ ଛାତ୍ରୀଙ୍କ ପରିବାରକୁ ୨୦ ଲକ୍ଷ ନୁହେଁ ରାଜ୍ୟ ସରକାର ୨ କୋଟି ଟଙ୍କା ସହାୟତା ପ୍ରଦାନ କରନ୍ତୁ। ଏହାସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଇସ୍ତଫା ଦିଅନ୍ତୁ। ଘଟଣାର ବିଚାରବିଭାଗୀୟ ତଦନ୍ତ ହେଉ। ଏସବୁ ସହ ସରକାର ରାଜରାସ୍ତାରେ ଆଣ୍ଠୁମାଡ଼ି ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ବିଜେଡ଼ି ଦାବି କରିଛି। ଅରୁଣ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀଙ୍କୁ ଉଠାଇ ନେଲା ପୁଲିସ।

## ବାଲେଶ୍ୱର ଜିଲ୍ଲା ସମ୍ପୂର୍ଣ୍ଣ ବନ୍ଦ

**ବାଲେଶ୍ୱର,୧୬।୭(ମହାଭାରତ):** ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦେଇଛି ବିଜେଡି। ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି। ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବନ୍ଦ ଡାକରା ଦେଇଛି ବିଜେଡି। ଷ୍ଟେସନ ବଜାର ଓ ଫକୀର ମୋହନ ଗୋଲେଇ ଛକରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୋକାନ ବଜାର, ସରକାରୀ ଅଫିସ୍, ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଥିଲା। କେବଳ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏହାର ପ୍ରଭାବ ସୋରରେ ମଧ ଦେଖିବାକୁ ମିଳିଛି। ସୋର ବିଜେଡି ପକ୍ଷରୁ ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ୧୬ନଂ ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ଜାତୀୟ ରାଜପଥ ଅବରୋଧ କରାଯାଇ ଟାୟାର ଜାଳି ପ୍ରତିବାଦ କରାଯାଇଛି। ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଅଟକି ରହିଥିବାରୁ ଶହ ଶହ ଟ୍ରକ ଓ ଗାଡ଼ି ରାସ୍ତାରେ ଛିଡା ହେବା ସହ ରାସ୍ତା ଜାମ ଥିବା ଦେଖିବାକୁ ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୧୬।୭(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ, ଅନ୍ୟମନ୍ତ୍ରୀ, ବିଧାୟକ, ବିଜେପି ରାଜ୍ୟ ସଭାପତି, ପୁଲିସ ଡିଜି ଉପସ୍ଥିତ ଥିଲେ।ବାଲେଶ୍ୱର ଫକୀର

### ରାଜନୈତିକ ମୁକାବିଲା ପାଇଁ ପ୍ରସ୍ତୁତି



ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ (କଲେଜ)ରେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

ବୈଠକରେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସର ଅଭିଯୋଗ ଏବଂ ରାଜନୈତିକ ଆକ୍ରମଣକୁ କିପରି ମୁକାବିଲା କରାଯିବ, ସେ ନେଇ ଆଲୋଚନା ହୋଇଛି। ବୈଠକରେ ଭାଜପା ନେତାମାନେ ବିରୋଧୀଙ୍କ ଅଭିଯୋଗକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ସରକାର ଏହି ଘଟଣାରେ ନ୍ୟାୟ ପ୍ରଦାନ ପାଇଁ ଦୃଢ଼ପ୍ରତିଜ୍ଞ ଏବଂ ବିରୋଧୀଙ୍କ ବନ୍ଦ ଡାକରା ରାଜ୍ୟରେ ଅଶାନ୍ତି ସୃଷ୍ଟି କରିବାର ଏକ ଉଦ୍ୟମ। ଏହି ଘଟଣା ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନ୍ୟାୟ ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଆସନ୍ତାକାଲିର ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶାନ୍ତି ବଜାୟ ରଖିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

କଂଗ୍ରେସ ଦଳ ଏହି ଘଟଣାକୁ ନେଇ ଆସନ୍ତାକାଲି (ଜୁଲାଇ ୧୭) ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ, ବିଜେଡି ମଧ ବାଲେଶ୍ୱରରେ ୮ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହିବନ୍ଦ ଡାକରାକୁ କାଉଣ୍ଟର କରିବା ପାଇଁ ଭାଜପା ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମାଝୀ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ରାଜ୍ୟ ସରକାର। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଥିବା ବେଳେ କ୍ରାଇମବ୍ରାଞ୍ଚ ମଧ ଏହି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଏହାପୂର୍ବରୁ କଲେଜର ପ୍ରିନ୍ସିପାଲ ଦିଲ୍ଲୀପ ଘୋଷ ଓ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ସସପେଣ୍ଡ କରାଯାଇ ଗିରଫ କରାଯାଇଛି।

## ବନ୍ଦ ରହିବ ପେଟ୍ରୋଲ ପମ୍ପ

**ଭୁବନେଶ୍ୱର,୧୬।୭(ମହାଭାରତ):** ରାଜ୍ୟରେ ଆସନ୍ତାକାଲି କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ପେଟ୍ରୋଲ ଡିଲର ସଂଘ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛି। ସୁରକ୍ଷା ଦୃଷ୍ଟିରୁ ସକାଳ ୬ରୁ ସଂଧ୍ୟା ୬ଟା ଯାଏଁ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଆସୋସିଏସନ ନୀତିଗତ ଭାବରେ ନିଷ୍ପତ୍ତି ନେଇଛି। ବ୍ୟବସାୟରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହେବ। ୩ଟି ଡିପୋ ସହ ରାଜ୍ୟରେ ଥିବା ୩ ହଜାରରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ପେଟ୍ରୋଲ ଡିଲର ଆସୋସିଏସନର ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସର୍ବଭାରତୀୟ ପେଟ୍ରୋଲିୟମ ଡିଲର ମହାସଂଘ୍ ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି, ଆସନ୍ତାକାଲି ସକାଳ ୬ଟାରୁ ଅପରାହ୍ନ ୪ଟା ଯାଏଁ ପେଟ୍ରୋଲ ପମ୍ପ ବନ୍ଦ ରହିବ ଏହା ପରେ ସମସ୍ତ ପେଟ୍ରୋଲ ପମ୍ପ ଖୋଲିବ।

# ଆଜି କଂଗ୍ରେସର ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର,୧୬।୭(ମହାଭାରତ): ବାଲେଶ୍ୱର ଏଫ ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତାକାଲି (ଗୁରୁବାର) କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି।ଅତ୍ୟାବଶ୍ୟକ ସେବା, ଆମ୍ବୁଲାନ୍ସ, ରୋଗୀଙ୍କ ଚିକିତ୍ସା ଇତ୍ୟାଦି ବନ୍ଦରୁ ବାଦ ରହିବ।

ଆଜି ଭୁବନେଶ୍ୱରରେ ଆଠଟି ବିରୋଧୀ ରାଜନୈତିକ ଦଳ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଓଡ଼ିଶାର ଜନସାଧାରଣ, ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ନିବେଦନ କରିଛନ୍ତି। ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୁଦ୍ଧରେ ଏହି ବନ୍ଦ ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ଲୋକଙ୍କର ବନ୍ଦ ହେଉ ବୋଲି ମିଳିତ ବିରୋଧୀ ଦଳ କହିଛନ୍ତି ।ଅତ୍ୟାବଶ୍ୟକ ସେବା, ଆମ୍ବୁଲାନ୍ସ, ରୋଗୀଙ୍କ ଚିକିତ୍ସା ଇତ୍ୟାଦି ବନ୍ଦରୁ ବାଦ ରହିବ। ବଜାର,ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ। ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରାଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ଲୋକଙ୍କ ଧନ-ଜୀବନ ବିପନ୍ନ ହୋଇ ଆଇନର ଶାସନ ଭୁଶୁଡ଼ି ପଡିଛି ବୋଲି ମିଳିତ ବିରୋଧୀ ଦଳ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ରବର ବୁଲେଟ ଚାଳନା, ପାଣି ମାଡ଼ ଭଳି ଅମାନୁଷିକ ଆକ୍ରମଣକୁ ମିଳିତ ବିରୋଧୀ ଦଳ ତୀବ୍ର ନିନ୍ଦା କରିଛି। ଲାଠି, ଗୁଳି, ପାଣି ମାଡ଼, ଏବଂ ଟିୟର ଗ୍ୟାସ୍ ଚାଳନା ରେ ଶାସନ ଚାଲେ ନାହିଁ ବୋଲି ବିରୋଧୀ ଦଳ ନେତାମାନେ ଉଦବେଗ ପ୍ରକାଶ କରି କହିଛନ୍ତି ।ରାଜ୍ୟରେ ମୋହନ ମାଝୀ ସରକାର ଶାସନ କରିବା ପାଇଁ ତାଙ୍କର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ବିରୋଧୀ ଦଳ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ରାଜ୍ୟରେ ନାରୀର ସୁରକ୍ଷା ଏବଂ ଆଇନ ର ଶାସନ ପ୍ରତିଷ୍ଠା ପାଇଁ ମିଳିତ ବିରୋଧୀ ଦଳ ପ୍ରସଙ୍ଗ ଭିତ୍ତିକ ଆନ୍ଦୋଳନ ଜାରି ରଖିବ ବୋଲି ଘୋଷଣା କରାଯାଇଥିଲା।



# ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟି ବୈଠକ

**ଭୁବନେଶ୍ୱର,୧୬।୭ (ମହାଭାରତ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ଆଜି ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି।

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥି ସହିତ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ-ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି।

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଧୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ।

## ଆହତ ଛାତ୍ରଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୭(ମହାଭାରତ):** ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମାହୁତି ଦେଉଥିବା ବେଳେ ଉଦ୍ଧାର କରିବାକୁ ଯାଇ ଗୁରୁତର ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଚାରି ବୁଝିଛନ୍ତି। ଜ୍ୟୋତି ପ୍ରକାଶଙ୍କ ଚିକିତ୍ସା ପାଇଁ ଯାହା ଆବଶ୍ୟକ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜ୍ୟୋତିପ୍ରକାଶ ଆହୁରି ଆଠ ଦିନ ଯାଏ କଟକ ବଡ଼ଡାକ୍ତରଖାନାରେ ରହିବେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଧୀରେଧୀରେ ଭଲ ହେବାରେ ଲାଗିଛି। ତାଙ୍କର ଚିକିତ୍ସା ପାଇଁ ୪ ଜଣିଆ। ଡାକ୍ତରୀ ଟିମ୍ ନିୟୋଜିତ ଅଛନ୍ତି। ଘଟଣରେ ଛାତ୍ରୀଙ୍କୁ ଉଦ୍ଧାର କରିବା ସମୟରେ ମହାବିଦ୍ୟାଳୟର ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଆହତ ହୋଇ କଟକ ବଡ଼ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ରବର ବୁଲେଟ ଫାୟାର ହୋଇ ନାହିଁ

ଭୁବନେଶ୍ୱର,୧୬।୭(ମହାଭାରତ) : ବିଜେଡିର ବିକ୍ଷୋଭକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୋଲିସ କମିଶନର। ସେ କହିଛନ୍ତି, ୪୦ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ଡ୍ରୋନ ଓ ଏଆଇ କ୍ୟାମେରା ବ୍ୟବହାର ହୋଇଥିଲା। ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ପକ୍ଷରୁ କମ ବଳ ପ୍ରୟୋଗ କରାଯାଇଛି। ଲୋୟର ପିଏମଜିରେ ବିଜେଡିର ଆନ୍ଦୋଳନ ବେଳେ କୌଣସି ରବର ବୁଲେଟ ଫାୟାର କରାଯାଇନାହିଁ। ଏକଥା ସ୍ପଷ୍ଟ କରିଛନ୍ତି ପୋଲିସ କମିଶନର ଏସ. ଦେବଦତ୍ତ ସିଂ। ଦୁଇଟି ବ୍ୟାରିକେଡ୍ ଭାଙ୍ଗିବାରୁ କେବଳ ପାଣିମାଡ଼ ଓ ଲୁହବୁହା ଗ୍ୟାସ ମାଡ଼ କରାଗଲା। ବିଜେଡିର ଲୋକସେବା ଭବନ ଘେରାଉ ଆନ୍ଦୋଳନ ବେଳେ ପୋଲିସର ଆହ୍ୱନ ନେଇ ଏହି ସୂଚନା ଦେଇଛନ୍ତି ପୋଲିସ କମିଶନର। ଧାରଣାସ୍ଥଳରେ ଥିବା ସମସ୍ତ ଗତିବିଧି ଓ ଆନ୍ଦୋଳନର ଦୃଶ୍ୟ ଇଓ କ୍ୟାମେରାରେ କଏଦ ହୋଇଛି। ବିଜେଡି କର୍ମୀ ଧସେଇ ପଶି ବ୍ୟାରିକେଡ୍ ଭାଙ୍ଗିବା ବେଳେ ୭ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ଆହତ ପୋଲିସ କର୍ମଚାରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ପୋଲିସ କମିଶନର ଭେଟିଛନ୍ତି। ଯେତେବେଳେ ଆନ୍ଦୋଳନକାରୀମାନେ ବ୍ୟାରିକେଡ ନମ୍ବର୍ ୨କୁ ଭାଙ୍ଗିଲେ ସେତେବେଳେ ପୋଲିସ ଟିୟର ଗ୍ୟାସ ଓ ୱାଟର ସ୍ପ୍ରେ ବ୍ୟବହାର କରିଛି। ଗାନ୍ଧୀ ମାର୍ଗରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବ।

## ସୌମ୍ୟାଶ୍ରୀ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ

**ଭୁବନେଶ୍ୱର,୧୬।୭(ମହାଭାରତ):** ଫକୀର ମୋହନ ସ୍ୱୟଂଶାସତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ପୁଲିସ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଆଇଜି ଏସ. ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ଡିଏସପି ଇମାନ କଲ୍ୟାଣ ନାୟକଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ ଏହିମାମଲାର ତଦନ୍ତ କରିବେ ବୋଲି ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ୧୩ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର,୧୬।୭(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଆଜି ରାଜ୍ୟ କ୍ୟାବିନେଟର ୨୨ ତମ ବୈଠକ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେ ୧୧ ବିଭାଗର ୧୩ ଟି ପ୍ରସ୍ତାବ ଆଲୋଚନା ପରେ ଅନୁମୋଦନ କରାଯାଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ। ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ ସରକାର ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହିତ ଏକ ନୂତନ ପୋଲିସ ଜିଲ୍ଲା ଗଠନ, 'ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା -ଡାଏଲ-୧୧୨' ଯୋଜନାକୁ ୫ ବର୍ଷ ସଂପ୍ରସାରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି ଛାଡ଼, ସମୃଦ୍ଧ ସହର ଯୋଜନା ଓ ବିଶ୍ୱବିଦ୍ୟାଳୟ ଆଇନ ସଂପର୍କରେ ନିଷ୍ପତ୍ତି ନିଆଯାଇଛି।



ସରକାର ବର୍ତ୍ତମାନର ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରି ଏବଂ ଉଭୟ ପୋଲିସ ଜିଲ୍ଲାରେ ପ୍ରଭାବୀ ପୋଲିସ ସେବା ଏବଂ ଦକ୍ଷ ସାଧାରଣ ସେବା ପ୍ରଦାନ ପାଇଁ ରାଇରଙ୍ଗପୁରରେ ମୁଖ୍ୟାଳୟ ସହିତ ଏକ ନୂତନ ପୋଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।

ରାଜ୍ୟ କ୍ୟାବିନେଟ 'ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା -ଡାଏଲ-୧୧୨' ଯୋଜନାକୁ ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ମୋଟ ୨୨୬୦,୮୯ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।ଏହି ଜାତୀୟ ଜରୁରୀକାଳୀନ ପ୍ରତିକ୍ରିୟା ପ୍ଲାଟଫର୍ମ ପୋଲିସ, ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଭଳି ସେବାଗୁଡ଼ିକୁ ଏକୀକୃତ କରି ନାଗରିକଙ୍କ ବିପଦ ସମୟରେ ଦ୍ରୁତ ସହାୟତା ପ୍ରଦାନ ପାଇଁ ଲକ୍ଷ୍ୟ ରଖୁଛି। ଏହି ଯୋଜନାରେ ୪୧୯୫ ନୂତନ ପଦବୀ ସୃଷ୍ଟି କରିବା ଏବଂ ୬୪୫ ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାର ପ୍ରସ୍ତାବ ରହିଛି ।

ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଆୟୁଷ ସହାୟକ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫ ର ପ୍ରଣୟନକୁ ଅନୁମୋଦନ କରିଛନ୍ତି।

ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି ୨,୦୦୦ ଟଙ୍କା ଛାଡ଼ କରାଯାଇଛି। ଏହା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ବୋଝକୁ ହ୍ରାସ କରିବ। ଏଥିପାଇଁ ୫ ବର୍ଷରେ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ ଛାତ୍ରଛାତ୍ରୀ ପୂର୍ବରୁ ମାସିକ ୨ ହଜାର ଟଙ୍କା ରେଣ୍ଟ୍ ଦେଉଥିଲେ।ଏହା ସହିତ, ସମୃଦ୍ଧ ସହର ଯୋଜନାକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହି ଯୋଜନା ପାଇଁ ୪,୮୭୯.୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଆଇନରେ କିଛି ପରିବର୍ତ୍ତନ ଆଣିଛନ୍ତି। ସ୍ଥାୟୀ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ଭାରପ୍ରାପ୍ତ କୁଳପତିଙ୍କୁ କ୍ଷମତା ପ୍ରଦାନ କରିବେ। ଓଡ଼ିଶା ସେମି କଣ୍ଡକ୍ଟର ଉତ୍ପାଦନ ଓ ପ୍ୟାବଲେସନ୍ ନୀତି ୨୦୨୩ ର ଦ୍ୱିତୀୟ ସଂଶୋଧନକୁ ଅନୁମୋଦନ ମିଳିଛି। ଓଡ଼ିଶା ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ, ୨୦୧୧ର ସଂଶୋଧନ କରାଯାଇଛି। ଓଡ଼ିଶା କାରଖାନା ଓ ବାଷ୍ପିତ୍ର ନିରୀକ୍ଷଣ ସେବା (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୧୯୮୪ରେ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

## ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୬।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛି। ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ। ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ପ୍ରଥମ ଥର ପାଇଁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।ଏହି ଯୋଜନାର ଲକ୍ଷ୍ୟ ହେଉଛି କୃଷି ଉତ୍ପାଦକତା ବୃଦ୍ଧି କରିବା, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଗ୍ରହଣୀୟତା ବୃଦ୍ଧି କରିବା, ପଂଚାୟତ ଓ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବଢ଼ାଇବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା। ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ "ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା" ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବା। ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

## ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୧୬।୭(ମହାଭାରତ) :** ୨୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି। ଏନେଇ ସୂଚନା ଜାରି କଲା ସାଧାରଣ ପ୍ରଶାସନ ବିଭାଗ। ଅନିବାର୍ଯ୍ୟ କାରଣ ଯୋଗୁଁ ବନ୍ଦ ରହିବ ଅଭିଯୋଗ ଶୁଣାଣି। ଜୁଲାଇ ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୁନ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



### ଖବର

# ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ଅଫିସିଆଲ୍ ଫେସ୍ ଏବଂ ବ୍ରାଣ୍ଡ ଆମ୍ବାସଡ଼ର ହେଲେ ଡାକ୍ତର ସାଇପ୍ରସନ୍ନା




ପୁଣି ଥରେ ବିଦେଶ ମାଟିରେ ଓଡିଶାର ଟେକ ରଖିଛନ୍ତି ଓଡ଼ିଶା ବୋହୂ ଡାକ୍ତର ସାଇପ୍ରସତ୍ତା ବେହେରା ।ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲରେ ପ୍ରତିଯୋଗୀରୁ ଯାତ୍ରା ଆରମ୍ଭ କରି ମୁକୁଟ ଧାରଣ କରିବା ସହ ପ୍ରଥମ ଭାରତୀୟ ଭାବେ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ଅଫିସିଆଲ୍ ଫେସ୍ ଏବଂ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ ହୋଇଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା ।୨୦୨୩-୨୪ ରେ ମିସେସ୍ ଗ୍ରାଣ୍ଡ ଇ□ରନ୍ୟାସନାଲ ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ଭାବେ ନିଜର ଯାତ୍ରା ଆରମ୍ଭ କରିଥିଲେ ସାଇ । ସେହି ବର୍ଷ ବିଜେତା ହେବା ପରେ ଉତ୍କର୍ଷତା ଏବଂ ସୌନ୍ଦର୍ଯ୍ୟରେ ନୂତନ ମାନଦଣ୍ଡ ସ୍ଥାପନ କରିଥିଲେ । ଏହାସହ ପ୍ରଥମଥର ପାଇଁ ଡାକ୍ତର ସାଇପ୍ରସତ୍ତା ବେହେରା ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୪-୨୫ ଭାବରେ ପୁନଃ ମୁକୁଟ ଧାରଣ କରି ଓଡିଶା ପାଇଁ ଗର୍ବ ଗୌରବ ଆଣିଥିଲେ। ଏବେ ତାଙ୍କ ଯାତ୍ରାରେ ଆଉ ଏକ ପାଦ ଆଗେଇ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି । ଏହି ଅଭୂତପୂର୍ବ ସମ୍ମାନ ଲାଭ କରିବା ସହିତ ପ୍ରତିଯୋଗୀରୁ ବିଜେତା ହୋଇ ପ୍ରତିନିଧତ୍ୱ କରିବାରେ ସେ ପ୍ରଥମ ବ୍ୟକ୍ତିତ୍ୱ ପାଲଟିଛନ୍ତି ଯ ଏହି ସମ୍ମାନଜନକ ଉପାଧିରେ ସମ୍ମାନିତ ହୋଇଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ । ତାଙ୍କର ସଫଳତା ବିଶ୍ୱ ସ୍ତରରେ ପ୍ରତିନିଧିତ୍ୱ, ଦୃତା ଏବଂ ଉତ୍କର୍ଷତାର ଏକ ଶକ୍ତିଶାଳୀ ପ୍ରତୀକ। ନାରୀ ସଶକ୍ତିକରଣ ଏବଂ ସୌନ୍ଦର୍ଯ୍ୟର ଏକ ପ୍ରକୃତ ପ୍ରେରଣାଦାୟକ ପ୍ରତିଛବି ପାଲଟିଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା ।

## ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନ ଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା

ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା'ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।



# ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ

ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଗଲେ । ଉପରୋକ୍ତ ଗ୍ୟାଜେଟେରସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ସର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳିନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।



# ପ୍ରତିଦିନ ଗୋଟିଏ କଦଳୀ ଖାଆନ୍ତୁ : ବୁଦ୍ଧି ବଢ଼ାନ୍ତୁ, ଓଜନ କମାନ୍ତୁ



ପୋଟାସିୟମର ଉତ୍କୃଷ୍ଟ ଉପାଦାନ ରହିଥିବା କଦଳୀ ସ୍ୱାସ୍ଥ୍ୟକର ହେବା ସହ ଆମ ଶରୀର ପକ୍ଷେ ମଧ୍ୟ ହିତକର କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। କଦଳୀକୁ ସବୁଠୁ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ଭାବେ ଗଣାଯାଇଥାଏ । ଯଦି ଆପଣ ନିଜ ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ କଦଳୀ ଖାଇବା ଉଚିତ୍। ଗୋଟିଏ କଦଳୀରେ ୩ଗ୍ରାମ୍ ଫାଇବର ଏବଂ ୧୦୦କ୍ୟାଲୋରୀ ରହିଥାଏ ଏଥିପାଇଁ କଦଳୀକୁ ସବୁଠୁ ଉତ୍କୃଷ୍ଟ ହାଲୁକା ଭୋଜନ ଭାବେ ଗ୍ରହଣ କରିବା ଉଚିତ୍। କଦଳୀ ଖାଇବା ଦ୍ୱାରା ଆପଣଙ୍କ ପେଟ ମଧ୍ୟ ଭର୍ତ୍ତି ହେବା ଭଳି ଲାଗିଥାଏ ଏବଂ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ଆପଣମାନେ ଜାଣିଥିବେ କଦଳୀରେ ପୋଟାସିୟମ୍ ଏବଂ ମାଗ୍ନେସିୟମ୍ ପ୍ରଚୁର ମାତ୍ରାରେ ରହିଛି। କଦଳୀରୁ ଶକ୍ତି ଧୀରେ ଧୀରେ ବାହାରିଥାଏ ଯାହା ଦ୍ୱାରା ଆମ ମସ୍ତିଷ୍କ ସଚେତନ ହୋଇଥାଏ। କଦଳୀ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଦଳୀରେ ଟ୍ରିପ୍ଟୋଫାନ୍ ରହିଛି ଯାହା ଆଗକୁ ଯାଇ ସେରେଟୋନିନରେ ପରିଣତ ହୋଇଥାଏ ଏବଂ ମସ୍ତିଷ୍କରେ ସେରେଟୋନିନର ଅଭାବ ଯୋଗୁଁ ଅବସାଦ ଏବଂ ଉଦବେଗ ଏବଂ ବିତୃଷ୍ଣା ଭାବ ସୃଷ୍ଟି ହୋଇଥାଏ। ଏଥିପାଇଁ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ପାଇଁ ଏବଂ ଅବସାଦରୁ ମୁକ୍ତି ପାଇବା ପାଇଁ କଦଳୀ ଖାଇବା ଉଚିତ୍। କଦଳୀ ଶରୀରରେ କ୍ୟାଲସିୟମକୁ ଶୋଷିତ କରିବାରେ ସାହାଯ୍ୟ କରିଥାଏ। କ୍ୟାଲସିୟମ୍ ଶରୀରରେ ପହଞ୍ଚିଲେ ହାଡ଼ ମଜବୁତ କରିଥାଏ। ଶରୀରରେ ଜରୁରୀ ପୋଷକ ତତ୍ତ୍ୱ ଏବଂ ଫାଇବରର ସ୍ଥାନ ପୂରଣ କରିବା ପାଇଁ ଦିନକୁ ଗୋଟିଏ କଦଳୀ ନିୟମିତ ଖାଇବା ଉଚିତ୍। ଆପଣ ବ୍ୟାୟାମ କରିବା ପୂର୍ବରୁ କିମ୍ବା ବ୍ୟାୟାମ କରିବା ପରେ କଦଳୀ ଖାଇପାରିବେ।

# ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଉଦଘାଟିତ




ଭୁବନେଶ୍ୱର, ୧୬।୭ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ସହ ଗୁରୁଗ୍ରାମରେ ୟୁକେର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ନୂଆ କରି ସ୍ଥାପିତ ହୋଇଥିବା ଭାରତ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ଶ୍ରୀ ପ୍ରଧାନ ଏ ନେଇ ଖୁସିବ୍ୟକ୍ତ କରିବା ସହ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଅଧୀନରେ ଦେଶରେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଏହା ଅନ୍ୟତମ ପଦକ୍ଷେପ । ବିଶେଷ ଭାବରେ ଭାରତ-ୟୁକେ ରୋଡମ୍ୟାପ୍ ୨୦୩୦ରେ ପରିକଳ୍ପିତ ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁତ୍ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଲେଟର ଅଫ୍ ଇଂଟେଂଟ୍(ଏଲଓଆଇ) ପାଇବାର ବର୍ଷକ ମଧ୍ୟରେ ଗୁରୁଗ୍ରାମରେ ଏହି ଅତ୍ୟାଧୁନିକ କ୍ୟାମ୍ପସ୍ ସ୍ଥାପନ କରିବା ପାଇଁ ଶ୍ରୀ ପ୍ରଧାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ୟାମ୍ପସ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବ। ସାଉଥ୍ ଆମ୍ପଟନ୍ ର ଶୈକ୍ଷିକ ଉତ୍କର୍ଷତାର ଐତିହ୍ୟ ସହିତ ଆଗାମୀ ପିଢିର ନେତୃତ୍ୱ ଗଠନ କରିବା ଦିଗରେ ଏହା ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭାବରେ ଉଭା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମତରେ ଶିକ୍ଷା ହେଉଛି ଭାରତ ଏବଂ ୟୁକେ ମଧ୍ୟରେ ଏକ ଜୀବନ୍ତ ସେତୁ । ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ଗୁରୁଗ୍ରାମ କ୍ୟାମ୍ପସ୍ ର ଉଦଘାଟନ ସେହି ସେତୁକୁ ଆହୁରି ମଜବୁତ୍ କରିବାର ଏକ ଅବସର। ଏହି କ୍ୟାମ୍ପସ୍ ନୂତନ ସମନ୍ୱୟ ସୃଷ୍ଟି କରିବ। ଉଲ୍ଲାସ ଏବଂ ଉତ୍କର୍ଷତାର ଏକ ନୂତନ ସଂସ୍କୃତିକୁ ପ୍ରୋତ୍ସାହିତ କରିବ। ଛାତ୍ରଛାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ପାଇବା ପାଇଁ ଏକ ଅତିରିକ୍ତ ବିକଳ୍ପ ପ୍ରଦାନ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଲୋକାର୍ପିତ ଗୁରୁଗ୍ରାମ କ୍ୟାମ୍ପସରେ ଷ୍ଟେମ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି କ୍ୟାମ୍ପସ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମାଧାନର କେନ୍ଦ୍ର ହେବା ଉଚିତ। ଆମେ ଭାରତର ବିକାଶରେ ଶିକ୍ଷାକୁ କେନ୍ଦ୍ରରେ ରଖିଛୁ । ଦେଶରେ ଶିକ୍ଷାର ଆନ୍ତର୍ଜାତୀୟକରଣ ମାଧ୍ୟମରେ ଆମେ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର ପେଣ୍ଠସ୍ଥଳି ଭାବରେ କଳ୍ପନା କରୁଛୁ । ଭାରତର ସଭ୍ୟତାମୂଳକ ଐତିହ୍ୟକୁ ପୁନରୁଦ୍ଧାର କରିବା ସହ ପୁଷ୍ପଗିରି, ନାଳନ୍ଦାରୁ ଗୁରୁଗ୍ରାମ ପର୍ଯ୍ୟନ୍ତ ଆମର ବୌଦ୍ଧିକ ଐତିହ୍ୟକୁ ପୁନର୍ଜୀବିତ କରୁଛୁ। ଶ୍ରୀ ପ୍ରଧାନ ବିଶ୍ୱର ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନବସୃଜନ, ଗବେଷଣା ଏବଂ ଶିକ୍ଷାର ଇକୋସିଷ୍ଟମ ପାଇଁ ଭାରତ ଆସିବାକୁ ନିମନ୍ତ୍ରଣ ଦେବା ସହ ମିଳିତ ଭାବରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ତଥା ନବସୃଜନ ଏବଂ ପ୍ରଗତିକୁ ଆଗେଇ ନେବା ପାଇଁ ସେ ଆହ୍ୱାନ କରିଛନ୍ତି।

# ଯୁବ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ




ଭୁବନେଶ୍ୱର, ୧୬।୭ (ମହାଭାରତ): ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବୁଧବାର ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ୧ ଘଂଟାର ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଟ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ଯେଉଁଳି ତତ୍ପରତା ଦେଖାଉଛନ୍ତି ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତି ନେଇନଥାନ୍ତା।

ଛାତ୍ରୀ ଜଣକ ୬ ମାସ ଧରି କ୍ରମାଗତ ଗୁହାରି କଲେ ବି ଏ ସରକାର ଏବଂ ବିଜେପି ନେତୃବୃନ୍ଦ ତାଙ୍କ କଥା ଶୁଣିଲେ ନାହିଁ। ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତି ନେଲା। ଏଣୁ ଛାତ୍ରୀ ଜଣକୁ ସୁରକ୍ଷା ଦେବାର ଅକ୍ଷମ ଏବଂ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବାକୁ ଶ୍ରୀ ପାତ୍ର ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଶିକ୍ଷାମନ୍ତ୍ରୀ କରୁଛନ୍ତି କ'ଣ ? ବିଭିନ୍ନ ଜିଲ୍ଲାରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରୀମାନେ ଅସୁରକ୍ଷିତ ରହିଥିବାବେଳେ ଶିକ୍ଷାମନ୍ତ୍ରୀ କ'ଣ ପଦକ୍ଷେପ ନେଉଛନ୍ତି। ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରଣୀୟ ଅଭିଯୋଗ କମିଟି (ଆସି.ସି.ସି.) ଏକ ପ୍ରହସନରେ ପରିଣତ ହୋଇଛି।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି।

# ଆଜିଠାରୁ ଉତମ ପ୍ରଶାସନିକ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୬।୭ (ମହାଭାରତ): ''ଉତମ ପ୍ରଶାସନିକ ଅଭ୍ୟାସ'' ବିଷୟବସ୍ତୁ ଉପରେ ଆସନ୍ତାକାଲି (ଗୁରୁବାର)ଠାରୁ ଭୁବନେଶ୍ୱରରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ (ଡିଏଆରପିଜି) ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ୧୭-୧୮ ତାରିଖ ଦୁଇ ଦିନ ଧରି ଆୟୋଜନ କରାଯିବ।

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତ ଭାବେ ଏହି ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବା ସହିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବେ। 'ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର' ଦ୍ୱାରା ସ୍ୱୀକୃତି ଲାଭ କରିଥିବା ବିଭିନ୍ନ ପ୍ରୟାସଗୁଡ଼ିକୁ ଉପସ୍ଥାପନ କରିବା ଏବଂ ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ''ଉତମ ପ୍ରଶାସନିକ ଅଭ୍ୟାସ'' ବିଷୟବସ୍ତୁକୁ ନେଇ ସମ୍ମିଳନୀ ଆୟୋଜନ କରାଯାଉଛି। ଡିଏଆରପିଜି ସଚିବ ଶ୍ରୀ ଭି. ଶ୍ରୀନିବାସ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମଧ୍ୟ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିବେ। ଏହି ଜାତୀୟ ସମ୍ମିଳନୀରେ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ୫ଟି ପୂର୍ଣ୍ଣାଙ୍ଗ ଅଧିବେଶନ ଆୟୋଜିତ ହେବ। 'ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ ୨୦୨୪ - (ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶ)'' ଶୀର୍ଷକ ପ୍ରଥମ ଅଧିବେଶନ ଡିଏଆରପିଜିର ଅତିରିକ୍ତ ସଚିବ ଶ୍ରୀ ପୁନିତ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଡିଏଆରପିଜି ଯୁଗ୍ମ ସଚିବ ଶ୍ରୀମତୀ ସରିତା ଚୌହାନ ''ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ -୨୦୨୪ (ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ'' ବିଷୟ ଉପରେ ଆଉ ଏକ ଅଧିବେଶନରେ ଅଧ୍ୟକ୍ଷତା କରିବେ। ଅନ୍ୟାନ୍ୟ ଅଧିବେଶନଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ ୨୦୨୩ ଏବଂ ୨୦୨୪ (ସାମଗ୍ରିକ ବିକାଶ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ନବସୃଜନ) ଉପରେ ଆଲୋଚନା ହେବ। ଏହି କାର୍ଯ୍ୟକ୍ରମରେ, ଜିଲ୍ଲାପାଳ, ସର୍ବୋତମ ଅଭ୍ୟାସ ପାଇଁ ପୁରସ୍କୃତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ୨୦ରୁ ଅଧିକ ବକ୍ତା ଅଂଶଗ୍ରହଣ କରିବେ। ସେମାନେ ବିଭିନ୍ନ ପ୍ରୟାସଗୁଡ଼ିକର ସଂକ୍ଷିପ୍ତ ଚିତ୍ର ଏବଂ ଚୟନିତ ସରକାରୀ ଯୋଜନା ଅଧୀନରେ ଅଣାଯାଇଥିବା ରୂପାନ୍ତରକାରୀ ପରିବର୍ତନର ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବେ।

# ବିଜେଡି ଆନ୍ଦୋଳନ ବେଳେ ପୋଲିସର ଆକ୍ରମଣ ନିନ୍ଦନୀୟ



ଭୁବନେଶ୍ୱର, ୧୬।୭ (ମହାଭାରତ): ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ତାଙ୍କୁ ନ୍ୟାୟ ଦେବା ଦାବିରେ ବିଜୁ ଜନତା ଦଳ ତରଫରୁ ବୁଧବାର ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ ହେଉଥିଲା ବେଳେ, ପୋଲିସ ଆକ୍ରମଣରେ ବିଜେଡି ବରିଷ୍ଠ ନେତାଙ୍କ ସମେତ ଶତାଧିକ ଆହତ ହୋଇଛନ୍ତି। ପୋଲିସ ଦ୍ୱାରା ପାଣି ମରାଯିବା ସହିତ, ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରାଯାଇଥିଲା, ଯେଉଁଥିରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତି ହୋଇଛନ୍ତି।

ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ନାରା ଦେବା ସହିତ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ଦାବୀ କରିଥିଲେ। ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଚାଲିଥିବା ବେଳେ କର୍ମୀ ମାନଙ୍କ ଉପରକୁ ପାଣି ମାଡ଼ କରା ଯାଇଥିଲା। ଆନ୍ଦୋଳନକାରୀ ମାନଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ ପୋଲିସ ତରଫରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା। ପରେ ଉପସ୍ଥିତ ବରିଷ୍ଠ ନେତୃତ୍ୱଙ୍କ ସମେତ ଶତାଧିକ ବିଜେଡି କର୍ମୀଙ୍କୁ ପୋଲିସ ଗିରଫ କରି ଘଟଣା ସ୍ଥଳରୁ ଉଠାଇ ନେଇଥିଲା।

ବିଜେଡି ତରଫରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ତରଫରୁ ଦୃଢ଼ ନିନ୍ଦା କରା ଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୌମ୍ୟାଶ୍ରୀଙ୍କ ଆତ୍ମହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମହୁତି ଭଳି ଚରମ ପଦକ୍ଷେପ ନେଇଥିଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି। କିନ୍ତୁ, ପୋଲିସ ଆକ୍ରମଣରେ, ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ। ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ସାମସଙ୍ଗ ଇଣ୍ଡିଆ ଏମ୯, ଏମ୮ ଏବଂ ଏମ୭ ସ୍ମାର୍ଟ ମନିଟର ଶୃଙ୍ଖଳ

ଭୁବନେଶ୍ୱର, ୧୬।୭ (ମହାଭାରତ): ସାମସଙ୍ଗ ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ନୂତନ ସ୍ମାର୍ଟ ମନିଟର ଲାଇନଅପର ଶୁଭାରମ୍ଭ କରିଛି ଯାହା ଜୁଲାଇ ୦୭ରୁ ଜୁଲାଇ ୨୦, ୨୦୨୫ ମଧ୍ୟରେ ଏକ ସୀମିତ ସମୟ ରିହାତି ବିଶେଷତ୍ୱ ପ୍ରଦାନ କରିବ। ଏହି ସମୟ ମଧ୍ୟରେ ଗ୍ରାହକମାନେ ୩,୦୦୦ ଟଙ୍କାର ଏକ ତତ୍କାଳ ସଂଚୟର ମଜା ନେଇପାରିବେ। ଏହି ଲାଇନଅପ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି, ଫ୍ଲାଗସିପ ୪କେ କ୍ୱିଡ଼ି-ଓଏଲଇଡ଼ି ଏମ୯ ମନିଟର, ଏଥି ସହିତ ଅଧୁନତମ ଏମ୮ ଏବଂ ଏମ୭ ମଡ଼େଲ ଯାହାକି ଉନ୍ନତ ମାନର ବ୍ୟକ୍ତିଗତ ଏଆଇ କ୍ଷମତାଯୁକ୍ତ ସହିତ ସଜ୍ଜିତ ହୋଇରହିଛି ଯାହାକି ଏକ ନୂତନ ବୁଦ୍ଧିମତା ଡ଼ିସପ୍ଲେର ମାନକ ପ୍ରଦାନ କରିବ। ଏହି ନବୀକରଣତା ସହିତ ବ୍ୟବହାରକାରୀମାନେ ନିର୍ବିଘ୍ନରେ ଏହାକୁ ଦେଖିପାରିବେ, କାର୍ଯ୍ୟ କରିପାରିବେ ଏବଂ ଷ୍ଟାଇଲ ସହିତ ଖେଳି ପାରିବେ ଏଥିରେ ରହିଥିବା ଏକକ ସ୍ମାର୍ଟ ଉପକରଣ ମାଧ୍ୟମରେ। ଏହି ସ୍ମାର୍ଟ ମନିଟର ଏମ୯ କ୍ୱିଡ଼ି-ଓଏଲଇଡ଼ି ଜ୍ଞାନକୌଶଳ ସହିତ ମିଳିତ ଭାବରେ ଏକ ଆକର୍ଷଣୀୟ ୩୨ ଇଂଚ ୪କେ ଡ଼ିସପ୍ଲେ ସହିତ ଉନ୍ନତ ମାନର ରଙ୍ଗ ତଥା କନଟ୍ରାଷ୍ଟକୁ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ପ୍ରଦାନ କରିପାରିବ। ଉଭୟ କାର୍ଯ୍ୟକାରୀ, ଖେଳ ତଥା ଷ୍ଟ୍ରିମିଙ୍ଗ ପାଇଁ ଡ଼ିଜାଇନ ହୋଇଥିବା ଏହି ମନିଟର ସ୍ଥାୟିତ୍ୱ ଏବଂ ବ୍ୟବହାରକାରୀମାନଙ୍କର ଆରାମଦାୟକତାକୁ ପ୍ରାଧାନ୍ୟ ଦେବା ସହିତ ଏହାର ବିଶେଷତ୍ୱ ମଧ୍ୟରେ ରହିଛି ଏହା ଅଗ୍ନି ନିର୍ବାପକରୁ ସୁରକ୍ଷା ପ୍ରଦାନ କରିବା ସହିତ ଏଥିରେ ରହିଛି ଆଂଟି –ଗ୍ଲେୟାର ଜ୍ଞାନକୌଶଳ।

# ଅସ୍ତିତ୍ୱ ବଂଚାଇବା ପାଇଁ ବିଜେଡି ଓ କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର, ୧୬।୭ (ମହାଭାରତ): ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ମୃତା ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଯାହା ଆବଶ୍ୟକ ପଡିବ, ତାହା କରିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖୋଦ ନିଜେ ଦୁଇ ଥର ଯାଇ ଘଟଣାର ତଦାରଖ କରିଛନ୍ତି। ଯେଉଁମାନେ ଛାତ୍ରୀଙ୍କୁ ଅପମାନିତ କରି ଆତ୍ମହତ୍ୟା ପାଇଁ ପ୍ରବର୍ତାଇଛନ୍ତି, ତାକୁ ମଧ୍ୟ ଅନୁଧ୍ୟାନ କରାଯାଉଛି । ପୀଡିତାକୁ ନ୍ୟାୟ ଦେବା ହେଉଛି ଏକମାତ୍ର ଲକ୍ଷ୍ୟ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବାକୁ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି । ବିଜେପି ସରକାର ମହିଳା ବିକାଶ ଓ ସଶକ୍ତିକରଣ ପ୍ରତି ସମର୍ପିତ । ମହିଳା ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।ପ୍ରମୁଖ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସମ୍ବେଦନହୀନତାର ସମସ୍ତ ସୀମା ଉଲ୍ଲଂଘନ କରି ହୀନ



ରାଜନୀତି ଆରମ୍ଭ କରିଦେବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବିଜେଡି ଅନୁମତି ନେଇଥିବାବେଳେ ହିଂସାତ୍ମକ ଆଚରଣ କରିଥିଲା । କିନ୍ତୁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିଥିବାରୁ ପୋଲିସ ପ୍ରଶାସନ ଧନ୍ୟବାଦର ପାତ୍ର । ନିଜ ଅସ୍ତିତ୍ୱ ବଂଚାଇବା ପାଇଁ ବିଜେଡି ଲୋକସେବା ଘେରାଓ ନାମରେ ଆନ୍ଦୋଳନ କରିଛି । ମାତ୍ର ହାତଗଣତି କିଛି ନେତା ଓ ଅଳ୍ପ ସଂଖ୍ୟା କର୍ମୀମାନେ ଉପସ୍ଥିତ ଥିଲେ । ଯାହାକି, ଆଜିର ଘେରାଓ ଡାକରାକୁ ବିଜେଡି କର୍ମୀମାନେ ସମର୍ଥନ କରୁନଥିବା ସ୍ପଷ୍ଟ ହୋଇଛି । ନିଜ ୨୪ ବର୍ଷ ଶାସନରେ ବିଶ୍ୱସ୍ତରୀୟ ହସପିଟାଲ ଓ ଚିକିତ୍ସା ବ୍ୟବସ୍ଥା କରିଥିବାର ବାହାସ୍ଫୋଟ ମାରୁଥିବା ବିଜେଡି ନେତାମାନେ କାହିଁକି ଆଜି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ? ବାସ୍ତବରେ ବିଜେଡି ଦୁର୍ବଳ ହେବାରେ ଲାଗିଛି । ଅନ୍ୟ ପଟେ ବିଜେଡିର ଭାଇ କଂଗ୍ରେସର ମଧ୍ୟ ସମାନ ପରିସ୍ଥିତି । ଗଣତନ୍ତ୍ରରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ ଶ୍ରୀ ତ୍ରିପାଠୀ ଉଭୟ ବିଜେଡି ଓ କଂଗ୍ରେସ ଦଳକୁ ପରାମର୍ଶ ଦେଇଛନ୍ତି।

# ମହିଳାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୭ (ମହାଭାରତ): ପ୍ରେମ, ବିବାହ ପ୍ରତିଶ୍ରୁତ, ଶାରୀରିକ ସମ୍ପର୍କ ଏବଂ ଶେଷରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ଭୁବନେଶ୍ୱର ମହିଳା ଥାନା ପୋଲିସ ଜଣେ ପ୍ରେମିକକୁ ଗିରଫ କରିଛି । ପ୍ରେମିକ ତ ଗିରଫ ହେଲା, ହେଲେ ପରିଣାମ ଭୋଗିଲେ ମହିଳା ଏବଂ ତାଙ୍କ ପରିବାର। ଭିଡିଓ ଦେଖି ଗାଁରୁ କରିଦେଲ ନିଆଁ ପାଣି ବାସନ୍ଦ। ବିବାହିତ ମହିଳାଙ୍କୁ ବାହା ହେବେ ବୋଲି ମିଥ୍ୟା ପ୍ରତିଶ୍ରୁତି, ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ୍ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଆଶିଷ ପ୍ରଧାନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ଅଭିଯୋଗକାରିଣୀଙ୍କ ଘର ନୟାଗଡ଼ ଅଞ୍ଚଳରେ। ସେ ୨୦୧୪ରେ ନୟାଗଡ଼ର ନବକିଶୋର ବିଶ୍ୱାଳଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ପୁତ୍ର ସନ୍ତାନ ରହିଛି। ୨୦୨୨ରେ ମହିଳା ତାଙ୍କ ସ୍ୱାମୀ ଏବଂ ୨ପୁଅଙ୍କ ସହ ଇନ୍ଫୋସିଭ୍ୟାଲି ଥାନା ଅଧୀନ ଯାଁଳାରେ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କ ସ୍ୱାମୀ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ପତ୍ନୀଙ୍କୁ ନିର୍ଯ୍ୟାତନା ମଧ୍ୟ



ଦିଅନ୍ତି। ୨୦୨୩ ମାର୍ଚ୍ଚରେ ଅଭିଯୁକ୍ତ ଆଶିଷଙ୍କ ସହ ମହିଳାଙ୍କ ଦେଖା ହୁଏ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଲା। ଯାହାକି ପରବର୍ତ୍ତୀ ସମୟରେ ନିବିଡ ହେବାକୁ ଲାଗିଲା। ଯେଉଁଥି ପାଇଁ ମହିଳା ଜଣକ ତାଙ୍କର ୨ପିଲାଙ୍କୁ ଧରି ବାପ ଘରକୁ ଚାଲିଯାଇଥିଲେ। ସେଠାରେ ୨ପିଲାଙ୍କୁ ଛାଡି ଭୁବନେଶ୍ୱର ପଳାଇ ଆସି ଆଶିଷ ସହ ରହିବାକୁ ଗଲେ। ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଖରାପ ସମ୍ପର୍କ ରଖିବା ସହ ସେହି ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ନିଜ ମୋବାଇଲରେ ଉତ୍ତୋଳନ କରିନେଇଥିଲେ। ତା ପରେ ସେ ତାଙ୍କୁ ନେଇ ପିପିଲିରେ ଏକ ଭଡ଼ା ଘରେ ନେଇ ରଖିଥିଲେ। ରଖିବା ସହ ନିର୍ଯ୍ୟାତନା ଦେବାରେ ଲାଗିଲେ। ଏହି ସମୟରେ ମହିଳାଜଣକ ଗର୍ଭବୀତ ଥିବା ଜାଣିବାକୁ ପାଇଥିଲେ। ତାଙ୍କ ଗର୍ଭଧାରଣ ବିଷୟରେ ଅଭିଯୁକ୍ତ ଆଶିଷଙ୍କୁ ଜଣାଇବାରେ ସେ ରାଗି ଯାଇଥିଲେ। କହିଥିଲେ ଗର୍ଭନଷ୍ଟ କଲେ ହିଁ ସେ ତାଙ୍କୁ ବିବାହ କରିବ। ଏହା ଶୁଣି ଅଭିଯାଗକାରିଣୀ ଔଷଧ ଖାଇ ତାଙ୍କର ଗର୍ଭନଷ୍ଟ କରିଥିଲେ। ଏହାପରେ ଅଭିଯୋଗକାରିଣୀ ତାଙ୍କୁ ବିବାହ କରିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ଆଶିଷ ତାଙ୍କୁ ମନା କରିଦେଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ



ଭୁବନେଶ୍ୱର, ୧୬।୭ (ମହାଭାରତ): ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଆଜି ଭୁବନେଶ୍ୱରସ୍ଥିତ ପାନ୍ଥନିବାସର ଅଡିଟରିୟମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୫-୨୬ର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହି ଯୋଜନା ସମ୍ବନ୍ଧୀୟ ସମସ୍ତ ବିବରଣୀ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ଆଇଆରସିଟିସିର ଯୁଗ୍ମ ସାଧାରଣ ପରିଚାଳକ ଶ୍ରୀମତୀ କ୍ରାନ୍ତି ସବରକର ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ ର ସହାଭାଗିତାରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ ଯାତ୍ରା.ଓଡ଼ିଶା.ଜିଓଭି.ଇନ୍ ରେ ଉପଲବ୍ଧ। ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବାର ସୁଯୋଗ ପାଇବେ। ଆସନ୍ତାକାଲି ଜୁଲାଇ ୧୭ ତାରିଖରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ହିତାଧିକାରୀମାନେ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଅନଲାଇନରେ ଏବଂ ଅଫଲାଇନରେ ବ୍ଲକ ଓ ଜିଲ୍ଲା ପ୍ରଶାସନରେ ଆବେଦନ ପତ୍ର ଦାଖଲ କରିପାରିବେ। ଜିଲ୍ଲା ପ୍ରଶାସନ ଦ୍ୱାରା ଗଠିତ ଜିଲ୍ଲାସ୍ତରୀୟ ଯାଂଚ କମିଟି ଆବେଦନପତ୍ର ଗୁଡିକୁ ଯାଞ୍ଚ କରାଯିବ। ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକ ମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଅଛି । ହିତାଧିକାରୀ ଚୟନ ନିମନ୍ତେ ଅନ୍ତ୍ୟୋଦୟ / ଅନ୍ନପୂର୍ଣ୍ଣା କାର୍ଡ / ବିଧବା ଭତ୍ତା କାର୍ଡ / ଖାଦ୍ୟସୁରକ୍ଷା ରେସନ କାର୍ଡ / ମନରେଗା କାର୍ଡ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣ ପତ୍ର ଭାବରେ ଦରଖାସ୍ତ ସହ ଦାଖଲ କରିବାକୁ ପଡିଥାଏ। ବରିଷ୍ଠ ନାଗରିକ ଦମ୍ପତିଙ୍କ କ୍ଷେତ୍ରରେ ଯେ କୌଣସି ଜଣେ ୬୦ ରୁ ଊର୍ଦ୍ଧ୍ୱ ବୟସ୍କ ହେବା ଆବଶ୍ୟକ । ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ। ତୀର୍ଥଯାତ୍ରୀ ଚୟନ କ୍ଷେତ୍ରରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲା ପାଇଁ ନିର୍ଦ୍ଦିଷ୍ଟ କୋଟା ଅନୁଯାୟୀ ତୀର୍ଥଯାତ୍ରୀ ଚୟନ କରିଥାନ୍ତି। ଅଧିକ ଆବେଦନକାରୀ ମାନଙ୍କ କ୍ଷେତ୍ରରେ ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇଥାଏ । ଅନୁପସ୍ଥିତ ତୀର୍ଥଯାତ୍ରୀ ମାନଙ୍କର ଭରଣ ନିମନ୍ତେ ୨୦ ପ୍ରତିଶତ ତୀର୍ଥଯାତ୍ରୀଙ୍କର ଏକ ପ୍ରତୀକ୍ଷା ତାଲିକା ପ୍ରସ୍ତୁତ କରାଯାଇଥାଏ।

# ସାମସଙ୍ଗ ଇଣ୍ଡିଆ ଗାଲାକ୍ସି ଜେଡ୍ ଫୋଲ୍ଡ୭, ଗାଲାକ୍ସି ଜେଡ୍ ଫ୍ଲିପ୭ - ନିମନ୍ତେ ପ୍ରି-ଅର୍ଡ଼ର

ଭୁବନେଶ୍ୱର, ୧୬।୭ (ମହାଭାରତ): ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ରହିଥିବା ସବୁଠାରୁ ଉନ୍ନତ ମାନର ଶୃଙ୍ଖଳ ଗାଲାକ୍ସି ଜେଡ଼- ଗାଲାକ୍ସି ଜେଡ଼ ଫ୍ଲିପ୭ର ପ୍ରି-ଅର୍ଡ଼ର ଗ୍ରହଣ ଆରମ୍ଭ ଘୋଷଣା କରିଛି। ଗାଲାକ୍ସି ଜେଡ଼ ଫୋଲ୍ଡ୭ ସମ୍ମିଳିତ ଭାବରେ ଏହାର ଉତ୍କୃଷ୍ଟତା ଗାଲାକ୍ସି ଡ଼ିଜାଇନ, କ୍ୟାମେରା ପରିଚାଳନା ତଥା ଏଆଇର ନବୀନତମର ଦିଗରେ ଆଣିଛି ଯାହାକି ଅଦ୍ୟାବଧି ଗାଲାକ୍ସି ଜେଡ଼ ଫୋଲ୍ଡ ଶୃଙ୍ଖଳ ମଧ୍ୟରେ ସବୁଠାରୁ ପତଳା ଏବଂ ହାଲୁକା ରହିଛି। ଯେତେବେଳେ ଏହାର ନୂତନ ଦକ୍ଷତା ଏବଂ ଉତ୍ପାଦକତାର ସ୍ତର ବଡ଼ ଭାବରେ ଖୋଲାଯାଇଥାଏ ଅଧିକ ମାତ୍ରାରେ ନିମନ୍ତ୍ରିତକାରୀତାର ଦୃଶ୍ୟମାନତା ଏଥିରେ ଆସିଥାଏ ଏବଂ ସେତେବେଳେ ଏହା ଅଲଟ୍ରା-ସ୍ମାର୍ଟଫୋନର ଅଭିଜ୍ଞତାକୁ ନେଇ ଏକ ଏକ ପ୍ରିମିୟମ କାର୍ଯ୍ୟ ଦକ୍ଷତା ପ୍ରଦାନ କରିଥାଏ। ଗାଲାକ୍ସି ଜେଡ଼ ଫୋଲ୍ଡ୭ ସେହି ମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଛି ଯେଉଁମାନେ ଦୈନନ୍ଦିନ ଜୀବନରେ ଏକ ପାରମ୍ପରିକ ସ୍ମାର୍ଟଫୋନର ଭାର ବହନ ଏବଂ ଅନ୍ତର୍ଭୁକ୍ତିକରଣର ଅନୁଭବ କରିବା ସହିତ, ବୁଦ୍ଧିପ୍ରାପ୍ତ କ୍ଷମତା ଏବଂ ଏକ ବଡ଼ ନମନୀୟତା, ଖୋଲା ରହିଥିବା ଡ଼ିସପ୍ଲେର ଉପସ୍ଥିତିକୁ ନେଇ ଗୋଟିଏ ଉପକରଣରେ ଦୃଶ୍ୟମାନ ହୋଇଥାଏ। ଅଲଟ୍ରା-ଥିନ ଏବଂ ହାଲୁକା ଡ଼ିଜାଇନ ଏବଂ ଚଉଡ଼ା କଭର ଡ଼ିସପ୍ଲେକୁ ନେଇ ଗାଲାକ୍ସି ଜେଡ଼ ଫୋଲ୍ଡ୭ ଏକ ବାଧାହୀନ ଏଥିସହିତ ସାମିଲର ଅଭିଜ୍ଞତା ପ୍ରଦାନ କରିବା ସହିତ ଏହା ଫୋଲ୍ଡ ଥିବା ଅବସ୍ଥାରେ ମଧ୍ୟ ଟାଇପିଙ୍ଗ ଏବଂ ବ୍ରାଉଜିଙ୍ଗ ତ୍ରୁଟିଶୂନ୍ୟ ଭାବରେ ହୋଇପାରିଥାଏ।

# ଇରାନ ଉପରେ ଆକ୍ରମଣ

ଇରାନ ଉପରେ ଏଭଳି ଆକ୍ରମଣ ନିମନ୍ତେ ଆମେରିକା ବହୁ ଦିନରୁ ଯୋଜନା କରିଥିଲା ଏବଂ ପ୍ରସ୍ତୁତି ଚଳାଇଥିଲା। ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା। ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର। ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ। ଏହା ସତ କଥା। କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି। ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି। ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ। ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ। ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ। ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା। ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା। ଆମେରକା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା। ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି। ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି। ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ। ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି। ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ। ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ। ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି। ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ କେବଳ ଟ୍ରମ୍ପ ଦାୟୀ। ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିବହନ ହୋଇଥାଏ। ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ। ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ। ଭାରତ ପାଇଁ ଏହା ଏକ ଆହ୍ୱାନ। ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ହେବା ପରଠାରୁ ଭାରତ ଅର୍ଥନୈତିକ କ୍ଷେତ୍ରରେ ସଂଘର୍ଷ କରିଆସୁଛି। ମହାମାରୀ ପରେ କ୍ରମାଗତ ଭାବେ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଲାଗି ରହିବା ଭାରତୀୟ ଅର୍ଥନୀତି ପାଇଁ ବିପଦର କାରଣ ହୋଇଛି। ଏଥିପାଇଁ ଭାରତର ଅଭିବୃଦ୍ଧି ହାର ଆଶାଠାରୁ କମିଛି। ଏବେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଜଟିଳ ହେବା ପରେ ଆଗକୁ ଭାରତୀୟ ଅର୍ଥନୀତି ସଙ୍କଟର ସମ୍ମୁଖୀନ ହୋଇପାରେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

॥ ଅଲେଖ ଚନ୍ଦ୍ର ସାମଲ ॥

*"ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି।"*

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟଓ୍ୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ। ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଏକ ଐଶୀକଳା ସଂପନ୍ନ ବରପୁତ୍ର

॥ ଫଜଲ ହକ ଖାନ୍ ॥

କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମ୍‌ର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତ୍ତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତ୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଟିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ଓ୍ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିପର୍ଯ୍ୟୟ ଅବସ୍ଥାରେ ବାଲିପାଟଣା ବ୍ଲକ ଓ ତହସିଲ

ବାଲିପାଟଣା, (ମହାଭାରତ): ବାଲିପାଟଣାବ୍ଲକଓ ତହସିଲ ସମ୍ଭାଳୁଛନ୍ତି ଜଣେ ଅଧିକାରୀ। ବାଧାପ୍ରାପ୍ତ ଉନ୍ନୟନମୂଳକ କାର୍ଯ୍ୟ ସରକାରୀ କଳରେ ବିଚିତ୍ର ବ୍ୟବସ୍ଥା ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକଓ ତହସିଲରେ ଦେଖିବାକୁ ମିଳିଛି । ଜଣେ ଅଧିକାରୀ ଏକାବେଳେ ୨ ଟି ବ୍ଲକ ୪ ଟି ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି । ଅଧିକାରୀ ଜଣଙ୍କ କେତେବେଳେ କେଉଁ ବ୍ଲକରେ ଏବଂ କେଉଁ ସମୟରେ ରହୁଛନ୍ତି ତାହା ଜାଣିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ହେଉଛି । ଯାହାଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିଅନ୍ତା ବ୍ଲକରେ ଗତ ୪ ମାସ ହେବ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଥିଲା । ଏହାର ଦାୟିତ୍ୱ ତତକାଳୀନ ବାଲିଅନ୍ତା ତହସିଲଦାର ବିମଳ ଲେଙ୍କାଙ୍କୁ ଦିଆଯାଇଥିଲା । ମାତ୍ର ଶ୍ରୀଯୁକ୍ତ ଲେଙ୍କାଙ୍କ ପଦୋନ୍ନତିରେ ଅନ୍ୟତ୍ର ବଦଳି ହୋଇଥିଲା । ପରେ ଲିଳନ କୁମାର ସାହୁ ତହସିଲଦାର ଭାବେ ନିଯୁକ୍ତି ପାଇଥିଲେ । ସେ ମଧ ଉଭୟ ବ୍ଲକ ଓ଼ ତହସିଲ ଦାୟିତ୍ୱ ନେଇଥିଲେ । ମାତ୍ର ୮/୧୦ ଦିନ ଭିତରେ ଲିଳନ ସାହୁଙ୍କ ଟ୍ରେନିଂ ଥିବାରୁ ପଡୋଶୀ ବାଲିପାଟଣା ବ୍ଲକ ଓ ତହସିଲ ଦାୟିତ୍ୱରେ ଥିବା ତହସିଲଦାର କଳ୍ପନା ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଫଳରେ ଜଣେ ଅଧିକାରୀ ବାଲିଅନ୍ତା ଓ ବାଲିପାଟଣା ବ୍ଲକ /ତହସିଲ ଦାୟିତ୍ୱ ନିର୍ବାହ କରୁଛନ୍ତି । ଜଣେ ଅଧିକାରୀ ଏକାବେଳେ ୨ ଟି ସ୍ଥାନରେ ଉଭୟ ବ୍ଲକ ଓ ତହସିଲ ଦାୟିତ୍ୱ ନିର୍ବାହ କରିବା କାଠିକାର ପାଠ । ଫଳରେ ଉଭୟ ବ୍ଲକ ଓ ତହସିଲରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଛି । ଉଭୟ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଫାଇଲ ଅଧିକାରୀଙ୍କ ଟେବୁଲ ଉପରେ ଗଦା ହୋଇରହିଥିବା ବେଳେ କର୍ମଚାରୀ ମାନେ ନିର୍ଦ୍ଧାରିତ ସମୟରେ ଆସୁନଥିବା ଦେଖାଯାଉଛି । ମନଇଛା ଆସୁଛନ୍ତି ଓ଼ ଯାଉଛନ୍ତି। ଫଳରେ ମୁରବୀଶୂନ୍ୟ ହୋଇଯାଇଛି ବ୍ଲକ ଓ ତହସିଲ । ଅପରପକ୍ଷରେ ବାଲିପାଟଣା ଓ ତହସିଲ ଏକ ବ୍ୟସ୍ତବହୁଳ ଏବଂ ବ୍ୟୟବହୁଳ କାର୍ଯ୍ୟାଳୟ । ଏହ ବ୍ଲକ ଓ ତହସିଲ ରାଜଧାନୀ ଠାରୁ ମାତ୍ର ୪/୫ କିମି ଦୂରରେ ଅବସ୍ଥିତ ଥିବା ବେଳେ ସେହି ତୁଳନାରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ଅଞ୍ଚଳର ଆୟତନ ବୃଦ୍ଧି ପାଇଛି । ବାଲିପାଟଣା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ହିତାଧିକାରୀଙ୍କ କୌଣସି ସମସ୍ୟା ହେଉ ନିରାଶ ହେବାକୁ ପଡୁଛି । ଫଳରେ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସେହିପରି ତହସିଲରେ ଜମିଜମା ପଟା କିମ୍ବା ଉତ୍ତରାଧିକାରୀ, ସ୍ଥାୟୀବାସିନ୍ଦା, ଆୟ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣ ପତ୍ର ହେଉ ସବୁବେଳେ ଏହି ତହସିଲରେ ଲୋକଙ୍କ ଭିଡ଼ ଲାଗିରହିଥାଏ । ସେଥିପାଇଁ ଏହି ତହସିଲଟି ସାଧାରଣ ଜନତାଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱବହନ କରିଥାଏ । ମାତ୍ର ଅଧିକାରୀଙ୍କ ଅଦଳବଦଳ ଯୋଗୁଁ ଏଠାରେ ଏବେ ଅଚଳାବସ୍ଥା ଦେଖିବାକୁ ମିଳିଛି । ଏହିଭଳି ଭାବେ ତହସିଲର ଅଚଳାବସ୍ଥା ଯୋଗୁଁ ଜମିମାଲିକଙ୍କୁ ଜମିପଟ୍ଟା ମିଳିବାରେ ଅହେତୁକ ବିଳମ୍ବ ହେବାସହ ବିଦ୍ୟାର୍ଥୀ ଓ ହିତାଧିକାରୀଙ୍କ ଆୟ ପ୍ରମାଣ ପତ୍ର ଠାରୁ ଆରମ୍ଭ କରି ସ୍ଥାୟୀବାସିନ୍ଦା, ଜାତିଗତ ପ୍ରମାଣ ପତ୍ର ଓ଼ ଉତ୍ତରାଧିକାରୀ ପ୍ରମାଣ ପତ୍ର ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ କରାଯାଇଛି । ସେହିପରି କିଛି ଲୋକେ ତାଙ୍କର ଜମିର ସିମା ନିର୍ଦ୍ଧାରଣ ନିମନ୍ତେ ଦୀର୍ଘମାସ ଧରି ଆବେଦନ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଫଳରେ ସାଧାରଣ ଜନତାଙ୍କୁ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହେବାକୁ ପଡୁଛି । ଫଳରେ ତହସିଲକୁ ଆସୁଥିବ ସାଧାରଣ ଲୋକେ ଉପଯୁକ୍ତ ସେବା ନପାଇ ନିରାଶରେ ଫେରୁଥିବା ବେଳେ ବିଭିନ୍ନ ସମୟରେ ଉତ୍ତେଜନା ଦେଖାଯାଉଛି । ଏଥିପ୍ରତି ଦୃଷ୍ଟି ଦେବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି । ଏନେଇ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ଭିତରେ ଅବଗତ ଅଛି । ଖୁବଶୀଘ୍ର ଏହି ସମସ୍ୟା ଦୁରହୋଇଯିବ ।

## ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ପ୍ରତିକ୍ରିୟା କର୍ମଶାଳା

ପାରାଦୀପ, (ମହାଭାରତ) : ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା ସମ୍ପର୍କିତ ଦୁଇ ଦିନିଆ କର୍ମଶାଳା ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ, ଏଚପିସିଏଲ୍, ଆଇଓସିଏଲ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଆପାତକାଳୀନ ପରିଚାଳନା ପ୍ରାଧିକରଣ ସହିତ ଅନ୍ୟାନ୍ୟ ସଂସ୍ଥାର ପ୍ରତିନିଧିମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କମାଣ୍ଡର ଏହି ଦୁଇ ଦିନିଆ କର୍ମଶାଳାକୁ ଉଦଘାଟନ କରିଥିଲେ । ଦେଶର ସମୁଦ୍ର ତଟରେ ଘଟୁଥିବା ତୈଳ ପ୍ରଦୂଷଣ ସହ ପ୍ରତିରୋଧ କାର୍ଯ୍ୟ ପାଇଁ ମୁଖ୍ୟ ନୋଡାଲ ସଂଗଠନ ଭାବେ ତଟରକ୍ଷୀ ବାହିନୀ କାର୍ଯ୍ୟ କରୁଛି । ରାଜ୍ୟର ସମୁଦ୍ର ତଟକୁ ପ୍ରଦୂଷଣ ମୁକ୍ତ ରଖିବା ଏବଂ ଏଦିଗରେ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବା ଲାଗି କୋଷ୍ଟଗାର୍ଡ ଜାହାଜ ବିଜୟା ଓ ପାରାଦୀପ ବନ୍ଦରର ଜାହାଜ ଓସେନ ଏଲିଗାନସ୍‌ରେ ପରୀକ୍ଷଣ କରାଯାଇଥିଲା ।

## ପମ୍ପ ହାଉସ କର୍ମଚାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ

ବାଲିପାଟଣା, (ମହାଭାରତ): କୁଳନ୍ତିରା ଶାସନ ପାନୀୟ ଜଳ ପ୍ରକଳ୍ପ ଅଧୀନ ଗୋବିନ୍ଦପୁରକୁ ଦୂଷିତ ପିଇବା ପାଣି ଯୋଗାଣ ହେଉଛି ବୋଲି ଗୋବିନ୍ଦପୁର ଗ୍ରାମର ଦିଲୀପ ପ୍ରଧାନ,ଓ ବଟକୃଷ୍ଣ ପ୍ରଧାନ, ସୁନନ୍ଦ ବେହେରାମଙ୍ଗଳବାର ଅଭିଯୋଗ କରିଥିଲେ । ଅଭିଯୋଗ ହୋଇଥିଲା ଯେ ପାଇପ ପାଣିରୁ ପାରା ପର ଓ ମାଂସ ଟୁକୁଡା ମିଳିଛି । ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି ପମ୍ପ ହାଉସ କର୍ମଚାରୀ ମାନସ ଭୋଇ ଓ କିଛି ଗ୍ରାମବାସୀ । ସେମାନଙ୍କ କହିବା ଅନୁଯାୟୀ କୁଳନ୍ତିରା ଶାସନ ପାନୀୟ ଜଳ ପ୍ରକଳ୍ପରୁ କେବଳ ଗୋବିନ୍ଦପୁରକୁ ନୁହେଁ ବରଂ କୁଳନ୍ତିରା ଶାସନ, ଶାସନ ଭୋଇ ସାହି, ମଳିକ ସାହି, କୁଳନ୍ତିରା ଗ୍ରାମ, ଡିହ ସାହି, ଭୋଳ ସାହି , କୁଳନ୍ତିରା ନାୟକ ସାହି ଆଦି ଅନ୍ୟ ୭ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ତେବେ ସମାନ ପାନୀୟ ଜଳ ପ୍ରକଳ୍ପରୁ ଅନ୍ୟ ସବୁ ଗ୍ରାମକୁ ପାଣି ଯୋଗାଇ ଦିଆଯାଉଥିବା ବେଳେ କେବଳ ଗୋବିନ୍ଦପୁର ଗ୍ରାମର ପାଣିରୁ ପାରା ପର ଓ ମାଂସ ଟୁକୁଡା ମିଳିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା କେବଳ ପମ୍ପ ହାଉସ କର୍ମଚାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ବଦନାମ କରିବାକୁ ଏପରି ଗୁଜବ ସୃଷ୍ଟି କରାଯାଇ ଭିତ୍ତିହୀନ ଅଭିଯୋଗ କରାଯାଉଥିବା କହିଛନ୍ତି ପମ୍ପ ହାଉସ କର୍ମଚାରୀ। ଏପରି ଗୁଜବରୁ ଦୁରେଇ ରହିବା ସହ ଅଂଚଳବାସୀଙ୍କୁ ବିଭ୍ରାନ୍ତ ନକରିବାକୁ ଗାଁର କିଛି ବୁଦ୍ଧିଜୀବି ମତପ୍ରକାଶ କରିଛନ୍ତି। ଏ ବିଷୟରେ ପାନୀୟ ଜଳ ପ୍ରକଳ୍ପ ଅଧିକାରୀ ରଞ୍ଜନ ଘଡ଼େଇ ଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ ଯେତେବେଳେ ଯାହା ଅଭିଯୋଗ ଆସୁଚି ତୁରନ୍ତ ପଦକ୍ଷେପ ନିଆ ଯାଉଛି। ସେମିତି କିଛି ଅଭିଯୋଗ ମୋ ପାଖରେ ନାହି ଯଦି ଆସେ ପଦକ୍ଷେପ ନିଆଯିବ। ପ୍ରକାଶ ଥାଉକି ବାଲିପାଟଣା ବ୍ଲକ ପମ୍ପାଲ ପଞ୍ଚାୟତ ର କୁଳନ୍ତିରା ଶାସନ ଏହି ପମ୍ପ ହାଉସ ଟି ରାଜନୀତି ଆକ୍ରୋଶ ର ଶିକାର ହୋଇ ବର୍ଷର ଅଧାଦିନ ପାଣି ବନ୍ଦ ହୋଇଥାଏ। ଏହି ପମ୍ପ ହାଉସ ର କର୍ମଚାରୀ ଙ୍କ ଦରମା ବନ୍ଦ କରାଯାଇ ତାଙ୍କୁ ମିଛ ଆରୋପ ପ୍ରତ୍ୟାରୋପ ରେ ଫଶାଇ ଦିଆ ଯାଇଛି ବୋଲି ପମ୍ପ ହାଉସ କର୍ମଚାରୀ ମାନସ ଭୋଇ, ସମିତିସଭ୍ୟା ନମିତା ଭୋଇ ଓ ନବକିଶୋର ବେହେରା ଅଭିଯୋଗ କରିଛନ୍ତି। ଏ ବିଷୟରେ ପମ୍ପାଲ ପଞ୍ଚାୟତ ପିଇଓ ଙ୍କୁ ପଚାରିବାରୁ ସେ ସ୍ପଷ୍ଟ ଉତ୍ତର ରଖିଥିଲେ ସରପଞ୍ଚ ଓଟିପି ନଦେବାରୁ ଦରମା ଜାଇ ପାରୁନି। ବାଲିପାଟଣା ବିଡ଼ିଓଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ ଉଭୟ ଉଭୟଙ୍କ ନାମରେ ଅଭିଯୋଗ କରିଚନ୍ତି। ଖୁବ୍ ଶୀଘ୍ର ସମାଧାନ କରାଯିବ। ଏବେ ଦେଖିବାକୁ ବାକି ରହିଲା କେବେ ପମ୍ପ ହାଉସ କର୍ମଚାରୀ ଙ୍କ ଦରମା ମିଳୁଚି ଓ ଗ୍ରାମବାସୀ ମାନଙ୍କ ଭଲ ପିଇବା ପାଣି ସମସ୍ୟା ଦୂର ହେଉଚି ?

## ନାଳରେ ଭାସି ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲୁଘୁଲିଆ ଗ୍ରାମ ର ରାଜୁ ସୋରେନ (୪୫) ନାମକ ଜଣେ ଯୁବକ ଗତକାଲି ସଂନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ରାଜୁ ନିଖୋଜ ହେବା ପରେ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରି ପାଇ ନଥିଲେ। କିନ୍ତୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଲୋକ ମାନେ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତା ର ଘୁଲୁଘୁଲିଆ ଗ୍ରାମ ନିକଟ ଦେଇ ଯାଇଥିବା ତେନ୍ଦ୍ରା ନାଳ ପୋଲ ନିକଟରେ ଜଣକ ଙ୍କ ଶବ ଲାଗିଥିବାର ଦେଖିବାକୁ ପାଇଥିଲେ।ପରେ ଖବର ପାଇ ମହୁଲଡ଼ିହା ଥାନା ପୋଲିସ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତା ରେ ଶବକୁ ନାଳ ପାଣି ଭିତରୁ ଉଦ୍ଧାର କରିଥିଲେ।ଉଦ୍ଧାର ପରେ ତାଙ୍କର ପରିଚୟ ମିଳିବା ପରେ, ମହୁଲଡିହା ପୋଲିସ ଥାନା କେଶ ନଂ ୭ / ୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି, ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଡ଼ାକ୍ତରଖାନାକୁ ପଠାଇ ଥିଲେ। ମୃତ ରାଜୁ ଶୌଚ ହେବାକୁ ତେନ୍ଦ୍ରା ନାଳକୁ ଯାଇଥିବା ବେଳେ ଗୋଡ ଖସି ଯାଇ ପାଣିରେ ଭାସି ମୃତ୍ୟୁ ବରଣ କରିଥିବାର କୁହାଯାଉଛି।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ବିଜେଡି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଓ କୁଶପୁତଳିକା ଦାହ




ପାରାଦୀପ, (ମହାଭାରତ) : ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତିକୁ ନେଇ ରାଜ୍ୟ ରାଜନିତି ଜୋର ଧରିଛି । ଏହି ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପଛରେ ରାଜ୍ୟ ବିଜେପି ସରକାରକୁ ଦାୟୀ କରିବା ସହିତ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ପାରାଦୀପ ବିଜେଡି କାର୍ଯ୍ୟକାରୀ ସଭାପତି କୁମରବର ନାୟକଙ୍କ ନେତୃତ୍ୱରେ ବୁଧବାର ଦିନ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ନୂଆବଜାରସ୍ଥିତ ବିଜୁ ମେମୋରିଆଲ୍ ଟ୍ରଷ୍ଟ ନିକଟରୁ ଶୋଭାଯାତ୍ରା ବାହାରି ପାରାଦୀପ ଥାନା ଛକ ନିକଟରେ ପହଂଚିଥିଲା । ସେଠାରେ ପୌର ଉପାଧକ୍ଷା ଛବିଲତା ରାଉତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସବିତା ମହାପାତ୍ର, ପାରିଷଦ ମନୋଜ ନାୟକ, ଅନୁପ ସାହାଣି, କୈଳାସ ଚନ୍ଦ୍ର ସାହୁ, ସୁଶୀଲ ମହାପାତ୍ର, ସୁଶୀଲ ମହାପାତ୍ର, ମାନଓ ବିଶ୍ୱାଳ, ରଶ୍ମିରଂଜନ ପରିଡା, ଅଶୋକ ସାହୁ, ଲପନ ପରିଡା, ନରେନ୍ଦ୍ର ରାଉତ, ଦୀପକ ସ୍ୱାଇଁ, ଛାଡେଶ୍ୱର ମାନ୍ନା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ । ଏହା ପରେ ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ ।

## ଲାଞ୍ଚୁଆ ବାବୁଙ୍କୁ ମାଡି ବସିଲା ଭିଜିଲାନ୍ସ



ବାଲିପାଟଣା :( ମହାଭାରତ) ବାଲିପାଟଣା ଉପ ନିବନ୍ଧକ କାର୍ଯ୍ୟାଳୟର କାର୍ଯ୍ୟରତ କର୍ମଚାରି ଭିଜିଲାନ୍ସ ହାବୁଡ଼ରେ ପଡିଛନ୍ତି । ବାଗଲପୁର ଗ୍ରାମ ର ବୁଢ଼ୀ ମା ମଙ୍ଗଳା ଟ୍ରଷ୍ଟ ରେଜିଷ୍ଟେସନ କରାଇ ଦେବାକୁ ଲାଞ୍ଚୁଆ ବାବୁ ୪ ହଜାର ଟଙ୍କା ଦାବି କରିଥିଲେ । ଉପ ନିବନ୍ଧକ ବରିଷ୍ଠ ସହାୟକ ସୁକାନ୍ତ କୁମାର ସିଂ ଓ ସହଯୋଗୀ ମହେନ୍ଦ୍ର କୁମାର ସାହୁ ପୂର୍ବରୁ ଦେଢ଼ ହଜାର ଟଙ୍କା ନେଇ ଥିବା ବେଳେ ଆଜି ଅବଶିଷ୍ଟ ଅଢେଇ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ ଅଫିସ ଭିତରେ ମାଡି ବସିଥିଲା । ଦୀର୍ଘ ଦିନ ହେଲା କାମ ପାଇଁ ଉପ ନିବନ୍ଧକ କାର୍ଯ୍ୟାଳୟ କୁ ଦୌଡୁ ଥିଲେ । ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ କାମ କୁ ଜାଣି ଶୁଣି ସ୍ଥଗିତ ରଖା ଯାଇଥାଏ । ମୋଟା ଅଙ୍କର ଲାଞ୍ଚ ନେବା ପରେ ହିତାଧିକାରୀ ଙ୍କ କାମ ହେଉଥିଲା । ଏହି ଘଟଣା ପରେ ବାଲିପାଟଣା ର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବ୍ୟପକ ଦୁର୍ନୀତି ହେଉଥିବା ସାଧାରଣ ରେ ଚର୍ଚ୍ଚା ହେଉଛି । ଲାଞ୍ଚୁଆ ବାବୁ ମାନଙ୍କ ମନ ରେ ଚନକା ପଶିଛି ।

## ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜାକେଡ଼ା ଗ୍ରା:ପ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ନୂଆଗାଁ , (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ଶିମିଳିସାହିକୁ ପରିଦର୍ଶନ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା ଏବଂ ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ। ସୂଚନା ମୁତାବକ ପୂର୍ବରୁ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବାବେଳେ ମନମୁଖୀ କାର୍ଯ୍ୟ ଯୋଗୁଁ ବିଦ୍ୟାଳୟରେ ଅସନ୍ତୋଷ ଦେଖାଦେଇଥିଲା।ବିଦ୍ୟାଳୟରେ ପରିଚାଳନା କମିଟି ଗଠନରେ ଅନିୟମିତତା,ଛାତ୍ରଛାତ୍ରୀଙ୍କ ଟ୍ୟୁସନ ଫି ଟଙ୍କା ଆତ୍ମସାତ କରିବା,କିରାଣୀ ନିଯୁକ୍ତିରେ ଜାଲିଆତି କରିବା ଏହାକୁ ନେଇ ସ୍ଥାନୀୟ ଜନପ୍ରତିନିଧି ସମେତ ଅଞ୍ଚଳବାସୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ। ଆଜି ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ବେହେରା ଏବଂ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମସ୍ତ କାଗଜପତ୍ର ତଦନ୍ତ କରିଥିଲେ। କିନ୍ତୁ କୌଣସି କାଗଜପତ୍ର ସଠିକ ପ୍ରମାଣ ମିଳିନଥିଲା ଯାହାକି ପିଲାଙ୍କ ଟ୍ୟୁସନ ଫି ଟଙ୍କା ଆତ୍ମସାତ ହୋଇଥିବା ଦିଗରେ ଆଗାମୀ ଦିନରେ ତଦନ୍ତ ଜାରି ରହିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ବେହେରା ପ୍ରକାଶ କରିଥିଲେ। ବିଦ୍ୟାଳୟର ଏଭଳି ଅବ୍ୟବସ୍ଥାକୁ ନେଇ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶ୍ରୀଧର କୁମାର ସାମନ୍ତରାୟ ଙ୍କୁ ପୁଣି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିବା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ସୂଚନା ଦେଇଥିଲେ ।ପରେ ଶ୍ରେଣୀ ଗୃହ ବୁଲି ସଠିକ ଭାବେ ପାଠପଢ଼ା ହେଉଛି କି ନାହିଁ ଛାତ୍ର ଛାତ୍ରୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ଜାନି, ସମିତି ସଭ୍ୟ ପ୍ରଭାତୀ ମଳିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ, ନରସିଂହ ଜାନି, ଅଇଁଠା ମଳିକ ପ୍ରମୁଖ ଉପସ୍ଥିତ ରହିଥିଲେ ।ଦେଖାଯାଉ ଆଗାମୀ ଦିନରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କେତେ ଦୂର ତଦନ୍ତ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

## ମତ୍ସ୍ୟ ସମ୍ପଦ ପକ୍ଷରୁ ଦିନିକିଆ କର୍ମଶାଳା




ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ଦିନ ପାରାଦୀପ ଜୟଦେବ ସଦନ ପରିସରରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାଥ ବେହେରା, ଜଗତସିଂହପୁରର ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗ ଦେଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମା ରାଣୀ ସିଂ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାର ମତ୍ସ୍ୟଜୀବୀ ତଥା ମତ୍ସ୍ୟ ଚାଷ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ କୁଜଙ୍ଗ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ବେହେରା । ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ପାରମ୍ପାରିକ ମତ୍ସ୍ୟଜୀବୀମାନେ ବହୁ ସଂଖ୍ୟାରେ ଏହି ଦିନିକିଆ କର୍ମଶାଳାରେ ଯୋଗ ଦେଇଥିଲେ ।

## ବିବାଦ ଘେରରେ ମିଲେଟ ଟିଫିନ ସେଣ୍ଟର



ଦଶପଲ୍ଲା, (ମହାଭାରତ): ସୋମବାର ଦିନ ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ସଂନିକଟରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମିଲେଟ ଶକ୍ତି ଟିଫିନ ସେଣ୍ଟର ର ଉଦଘାଟନ କରାଯାଇଥିଲା। ଏ ସମୟରେ ଦଶପଲ୍ଲା ବିଧାୟକ ଓ ଦଶପଲ୍ଲା ବ୍ଲକ ଅଧକ୍ଷା ଉପସ୍ଥିତ ଥିଲେ ଓ ବିଧାୟକଙ୍କ କର କମଳରେ ଉଦଘାଟନ ହୋଇଥିଲା। କିନ୍ତୁ ଉଦଘାଟନ ହେବା କଥା ଏନ ଏ ସି ର ଅଧିକାରୀ ଏବଂ ଅଧକ୍ଷା ଜାଣିନଥିବା ସୂଚନା ମିଳିଛି। ହେଲେ ମାର୍କେଟ କମ୍ପ୍ଲେକ୍ସ ର ଗୃହ ଗୁଡିକ ୧୯ତାରିଖ ରେ ଏନ ଏ ସି ର ସାଧାରଣ ବୈଠକ ରେ ଆଲୋଚନା ହୋଇ ଗୃହ ପ୍ରଦାନ କରାଯିବା କଥା କିନ୍ତୁ ୧୯ତାରିଖ ପୂର୍ବରୁ କିପରି ସେହି ଗୃହ ଉଦଘାଟନ ହେଲା। ଗୃହର ଚାବି କିଏ ଦେଲା ସେହି ବିଷୟରେ ଏନ ଏ ସୀ ଅଧିକାରୀ ଙ୍କ ସହ ଦଶପଲ୍ଲା ର ବୁଦ୍ଧିଜୀବୀ ଆଲୋଚନା କରିବା ସହିତ ସେହି ଗୃହକୁ ବନ୍ଦ କରାଯାଉ ବୋଲି ଦାବୀ ହୋଇଥିଲା। ସର୍ବଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧକ୍ଷା ମିଳିତ ଭାବେ ଏନ ଏ ସି ତରଫରୁ ନୋଟିସ କରିବା ସହିତ ଗୃହକୁ ବନ୍ଦ କରାଯିବ ବୋଲି କହିଥିଲେ।

## ମୁର୍ଗା ମହାଦେବ ମନ୍ଦିରକୁ ଯିବାପାଇଁ ଭଲ ରସ୍ତାଟିଏ ନାହିଁ: ଶିବଭକ୍ତ ହନ୍ତସନ୍ତ

ଯୋଡା, (ମହାଭାରତ) : ଓଡ଼ିଶା ରାଜ୍ୟର ପ୍ରସିଦ୍ଧ ଶୈବ ପୀଠ ମୁର୍ଗା ମହାଦେବ ମନ୍ଦିର କୁ ଛୁଟିଛି ଶିବ ଭକ୍ତଙ୍କ ପ୍ରବଳ ଭିଡ । ହେଲେ ଏଠାରେ ମନ୍ଦିର କୁ ଜିବା ପାଇଁ ଖଣ୍ଡେ ଭଲ ରାସ୍ତା ଟିଏ ନାହିଁ କାଦ ପଚ ପଚ ରେ ସିବ ଭକ୍ତ ମାନେ ଜାଇ ସିବଙ୍କ ଉପରେ ପାଣି ଢାଳି ଆସନ୍ତି । ଏହି ଶ୍ରାବଣ ମାସରେ ଓଡ଼ିଶା ସହିତ ଝାଡ଼ଖଣ୍ଡ, ବିହାର ରାଜ୍ୟ ରୁ କାଉଡ଼ିଆ ଭକ୍ତ ମାନଙ୍କର ହଜାର ହଜାର ସଂଖ୍ୟାରେ ମନ୍ଦିର ରେ ଜଳାଭିଷେକ କରୁଛନ୍ତି । ମାତ୍ର ଶିବ ଭକ୍ତଙ୍କୁ ବେଶୀ ଯନ୍ତ୍ରଣା ଦେଉଛି ମୁର୍ଗା ରାସ୍ତାର ଶୋଚନୀୟ ଅବସ୍ଥା । ଏହି ଶୈବ ପୀଠକୁ ରୀମୁଳି - ରାଜା ମୁଣ୍ଡା ୫୨୦ ନଂ ଜାତୀୟ ରାଜପଥ ର ବିଲେଇପଦା ଠାରୁ ଝାଡ଼ଖଣ୍ଡ ରାଜ୍ୟର ନୂଆଁ ମୁଣ୍ଡି ସହିତ ସଂଯୋଗ ହୋଇଛି। ମୁଖ୍ୟତଃ ଏହି ରାସ୍ତା କୁ ଶିଳ୍ପ ଓ ଖଣି କମ୍ପାନୀ ମାନେ ବ୍ୟବହାର କରୁଛନ୍ତି । ଏହି ଆନ୍ତଃ ରାଜ୍ୟ ସଡକ ୨୧ କିମି ଦୂରତା ରହିଛି । ଲକ୍ଷାଧିକ ଶିବ ଭକ୍ତ ଏହି



ପଥ ଦେଇ ଜଳାଭିଷେକ ପାଇଁ ଯାଉ ଥିବା ବେଳେ ପଥ ର ଦୁରବସ୍ଥା ପାଇଁ ହନ୍ତସନ୍ତ ହେଉଛନ୍ତି । ବିଶେଷ କରି ବିଲେଇ ପଦା ଛକ ଠାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ଏହି ରାସ୍ତା ଉପରେ ପ୍ରତି ଦିନ ଶିବ ଭକ୍ତ ଙ୍କ ସହିତ ଦେଓଘର ଗ୍ରାମ ପଞ୍ଚାୟତବାସୀ ନିର୍ଭର କରିଆସୁଛନ୍ତି । ଦୀର୍ଘ ବର୍ଷ ଧରି ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଅଧାରେ ଅଟକି ରହିଛି । ଖଣି ପ୍ରଭାବିତ ଏହି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଜଳ ପ୍ରପାତ ଓ ଶୈବ ପୀଠ ର ବିକାଶ ପାଇଁ ବାରମ୍ବାର ଜିଲ୍ଲା ର ନିଜସ୍ୱ ଖଣିଜ ପାଣ୍ଠି ରୁ ଅର୍ଥ ମଞ୍ଜୁର ପାଇଁ ଦାବି ହେଉଥିଲେ ହେଁ ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁ ନାହିଁ। ତେଣେ ପର୍ଯ୍ୟଟନ ବିଭାଗ ଏହି ପ୍ରସିଦ୍ଧ ଜିଲ୍ଲାର ସ୍ୱୟମ୍ଭୁ ପ୍ରତ୍ୟକ୍ଷ ମହାଦେବଙ୍କ ଆବିର୍ଭାବ ସ୍ଥଳକୁ ଦୃଷ୍ଟି ଆଢୁଆଳ ରେ ରଖିଛି । ପୂର୍ବ ସରକାର ଏହାର ବିକାଶ କରିବାର ମିଥ୍ୟା ପ୍ରତିଶୃତି ଦେଇଥିବା ଅଞ୍ଚଳ ବାସୀ କହିଛନ୍ତି । ଚଳିତ ଲଗାଣ ବର୍ଷା ଜାରି ରହିଥିବାରୁ ଏହି ରାସ୍ତାର ମହାଦେବନସା। ଠାରୁ ମୁର୍ଗା। ମହାଦେବ ମନ୍ଦିର ପର୍ଯ୍ୟନ୍ତ ଚାଲିବା। ଅସମ୍ଭବ ହୋଇ ପଡ଼ିଛି ।ଏହି ରାସ୍ତା ଦେଇ ଭକ୍ତ ମା।ନେ ମହାଦେବ ନସା। ଗ୍ରାମ ଭିତର ରାସ୍ତା ଅତିକ୍ରମ କରି ମନ୍ଦିର ରେ ପହଂଚୁ ଛନ୍ତି । ସୂଚନା ଯୋଗ୍ୟ କି, ଭୁବନେଶ୍ୱର, ଯାଜପୁର, ବାରିପଦା, ରାଉରକେଲା, ଆନନ୍ଦ ପୁର ପ୍ରମୁଖ ସ୍ଥାନରୁ ଆସିଥିବା କିଶୋର ନାଏକ, ଚନ୍ଦ୍ରମୋହନ ସେନାପତି, ରବୀନ୍ଦ୍ର ଦାସ,ଗୋପାଳ କୃଷ୍ଣ ପଣ୍ଡା, ମିନାକ୍ଷୀ ମହାନ୍ତି, ଶୁଭଦର୍ଶୀ ନି ଜେନା, ପ୍ରମୁଖ କହିଛନ୍ତି ଯେ, କୋଟି କୋଟି ଟଙ୍କା ର ମୁନାଫା ଖୋର୍ କମ୍ପାନୀ ମାନେ ଏହି ରାସ୍ତାରେ ମାଟି ଗୋଣ୍ଡା ଏ ପକାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଘଣ୍ଟା ଘଣ୍ଟା ଧରି ଚାରି ଚକିଆ ଯାନ ଫସି ରହୁଚି ,ସେମାନେ କାଦୁଅ ପଙ୍କରେ ସଲବଲ୍ ହୋଇ ରାସ୍ତା ଅତିକ୍ରମ କରୁଛନ୍ତି । ଗାଡ଼ିର ଡ୍ରାଇଭର ଯଯାତି କେଶରୀ ଜେନା କହିଛନ୍ତି ଯେ, ଗାଡ଼ି ଚଳାଚଳ ଏହି ରାସ୍ତାରେ ସମ୍ପୂର୍ଣ ଅସମ୍ଭବ । ଝାଡ଼ଖଣ୍ଡ ରାଜ୍ୟ ରୁ ଆସିଥିବା ମହିଳା ଦ୍ରୌପଦୀ ପାଣ୍ଡେ, ମୁନ୍ ମୁନ୍ ଗୁପ୍ତା, ରାଜେଶ୍ ଶର୍ମା ପ୍ରମୁଖ କହିଛନ୍ତି ଯେ, ରାଜ୍ୟ ମୁଖ୍ୟ ମନ୍ତ୍ରୀ ଏହି ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଉପରେ ଦୃଷ୍ଟି ଦିଅନ୍ତୁ। ଏହି ଶୈବ ପୀଠ ର ପ୍ରସିଦ୍ଧି ସୁଦୂର ଝାଡ଼ଖଣ୍ଡ, ବିହାର ଏବଂ ପଶ୍ଚିମ ବଙ୍ଗ ରେ ମଧ ରହିଛି ।ରାସ୍ତା ନିର୍ମାଣ ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହେବାରେ ଲାଗିଛି। ଟ୍ରାଫିକ ସମସ୍ୟା ଓ ରାସ୍ତା ର ମରଣଯନ୍ତା ଯୋଗୁଁ ପ୍ରତିଦିନ ଲୋକେ ଛୋଟ ମୋଟ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ।ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଅନ୍ତୁ ବୋଲି ଯୋଡା ବ୍ଲକ୍ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିର ନାଏକ, ସାମାଜିକ ସଂଗଠନ ଭିନ୍ନଦର୍ଶୀର ନିର୍ଦ୍ଦେଶକ ତ୍ରିଲୋଚନ ପଲେଇ କହିଛନ୍ତି ।

## ଶ୍ରମ ଶକ୍ତିଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପଡିଛି ଖାଲି



ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସହର ର ବିଛା କୁଣ୍ଡୀ ଠାରେ ଥିବା ଶ୍ରମ ଶକ୍ତି ଉଚ୍ଚ ବିଦ୍ୟାଳୟ ରେ ଦୀର୍ଘ ମାସ ହେବ ଦୁଇ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଯାହାଦ୍ୱାରା ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି ।ଏହି ବିଦ୍ୟାଳୟ ଟି ଯୋଡା ସହର ର ଉପକଣ୍ଠ ରେ ପୌର ପଳିକୟ ର ୧୪ ନଂ ୱାର୍ଡ ରେ ଅବସ୍ଥିତ।୧୯୮୬ ମସିହାରେ ଏହା ସ୍ଥାପିତ ହୋଇ ଥିଲା ।ଅଷ୍ଟମ ,ନବମ ଓ ଦଶମ ଶ୍ରେଣୀରେ ବର୍ତ୍ତମାନ ଶହେ ରୁ ଉର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଅଧ୍ୟୟନ କରୁଛନ୍ତି।ଅଧ୍ୟୟନ କରୁଥିବା ଛାତ୍ରୀ ଛାତ୍ର ଙ୍କ ମଧ୍ୟରେ ଶତକଡା ୯୦ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟ ର ରହିଛନ୍ତି ।ଆଦିବାସୀ ଅଞ୍ଚଳରେ ଶିକ୍ଷାର ଉଉତି ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଏହି ବିଦ୍ୟାଳୟ ପ୍ରତି ନଜର ପଡୁ ନାହିଁ ।ଦୀର୍ଘ ଏକ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଏହି ବିଦ୍ୟାଳୟ ରେ ଦୁଇ ଶିକ୍ଷକ ପଦବୀ ଖାଲି ରହିଛି ।ମିଳିଥିବା ସୂଚନା ଅନୁଯାୟୀ,ହିନ୍ଦୀ,ପି ଇ ଟି ଓ ବିଜ୍ଞାନ ବିଭାଗ ରେ ଜଣେ ଲେଖାଏଁ ଶିକ୍ଷକ ଏବେ କାର୍ଯ୍ୟରତ ଅଛନ୍ତି । କଳା ବିଭାଗ ରେ ଦୁଇ ଶିକ୍ଷକ ଓ ବିଜ୍ଞାନ ବିଭାଗ ରେ ଜଣେ ପଦବୀ ଖାଲି ପଡ଼ିଛି । ଏ ନେଇ ବିଦ୍ୟାଳୟ ଓ ଅଭିଭାବକ ପକ୍ଷରୁ ଯୋଡା ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ବାରମ୍ବାର ଜଣାଇଲେ ସୁଦ୍ଧା ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ ଯଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ଗୁଣାତ୍ମକ ଶିକ୍ଷାରୁ ଛାତ୍ରୀ ଛାତ୍ର ମାନେ ବଞ୍ଚିତ ହେଉଛନ୍ତି ।ଏହି ବିଛାକୁଣ୍ଡି ଅଞ୍ଚଳ ରେ ଭାରତ ର ଇସ୍ପାତ ନିର୍ମାଣ କରି ବୃହ ଖଣି କମ୍ପାନୀ ଶହେ ବର୍ଷ ଧରି ବ୍ୟବସାୟ କରିଆସୁଛି ।କେବଳ ବଡ ବଡ଼ ବିଜ୍ଞାପନ ଓ ପୋଷ୍ଟର ମାଧ୍ୟମରେ ଆଦିବାସୀ ଙ୍କ ବିଭିନ୍ନ ଉନ୍ନତି ସାଧନ କରୁଥିବାର ଡିଣ୍ଡିମ ପିଟୁ ଥିବା ବେଳେ ଶିକ୍ଷକ ନ ଥିବାରୁ ଶ୍ରମ ଶକ୍ତି ବିଦ୍ୟାଳୟ ର ଛାତ୍ରୀ ଛାତ୍ର ମାନେ ପାଠ ପଢ଼ାରେ ଅସୁବିଧାର ସମ୍ମୁଖିନ ହେଉଥିବା ବର୍ଷା ରାଣୀ ପାତ୍ର,ଜଗନ୍ନାଥ ଦାସ,ନଟବର ନାଗ,ରାଜେଶ୍ ଓରାମ,ରବି ଓରାମ,ମାନସ ପାତ୍ର ପ୍ରମୁଖ ୱାର୍ଡ ବାସୀ ପ୍ରକାଶ କରିଛନ୍ତି ।

## କୋଟିନଡା ନୂଆପଲ୍ଲି ଛକ ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୧ ମୃତ, ୪ଗୁରୁତର

ଆସିକା (ମହାଭାରତ): ଆସିକା କୋଟିନଡା ନୂଆପଲ୍ଲି ଛକ ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ମୃତ୍ୟୁ ହେବା ସହ ୦୪ ଜଣ ଗୁରୁତର ଆହତ ହୋଇ ମେଡିକାଲ ରେ ଚିକିତ୍ସିତ ହୋଇଛନ୍ତି । ଆଜି ରାତ୍ର ୨.୩୦ ସମୟ ରେ ଓଡି ୩୨ ଜି ୦୬୮୨ ନମ୍ବର ମାରୁତି ଏସ ପ୍ରେସଓ କାରରେ ଖାରିଆ ଗ୍ରାମର ଧୋବା ମହାନ୍ତି (୫୭), କାର୍ତିକ ମହାନ୍ତି,ଧିରେନ କୁମାର ସ୍ୱାଇଁ, ଦିବ୍ୟ ଶଙ୍କର ସ୍ୱାଇଁ, ସୁନିତା ସ୍ୱାଇଁ, ପ୍ରମୁଖ ମିଶି ସମ୍ବଲପୁର ରୁ କବିସୂର୍ଯ୍ୟନଗର ଢ଼େଙ୍ଗାପଦର ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ଓ ବେପରୁଆ ଗାଡି ଚାଳନା ଯୋଗୁଁ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଆହତ ସମସ୍ତ ଙ୍କୁ କୋଟିନଡ଼ା ପୋଲିସ ଉଦ୍ଧାର କରି ଆସିକା ମେଡିକାଲ ରେ ଭର୍ତ୍ତି କରିଥିଲେ । ଆସିକା ମେଡିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଖାରିଆ ଗ୍ରାମର ଧୋବା ମହାନ୍ତି ଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା ବେଳେ ଅନ୍ୟ ସମସ୍ତ ଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କାର୍ଯ୍ୟରତ ଡାକ୍ତରଙ୍କ ପରାମର୍ଶ କ୍ରମେ ସମସ୍ତ ଗୁରୁତର ଙ୍କୁ ବ୍ରହ୍ମପୁର ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା । କୋଟିନଡା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ମୃତ ଧୋବା ମହାନ୍ତି ଙ୍କ ପୁଅ ପ୍ରଭାତ କୁମାର ପ୍ରଧାନ ଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ କେସ ନମ୍ବର ୨୭୦/୨୫ ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ମୃତ ଧୋବାଙ୍କ ଶବ ବ୍ୟବଛେଦ କରି ପରିବାର ଙ୍କୁ ହସ୍ତାନ୍ତର କରାଯାଇଛି।

## ଠାକୁରାଣୀ ଙ୍କ ଜମି ଜବରଦଖଲ, ତହସିଲଦାର ଙ୍କୁ ଗ୍ରାମବାସୀ ଙ୍କ ଅଭିଯୋଗ

ଅସ୍ତରଙ୍ଗ(ମହାଭାରତ)- ଅସ୍ତରଙ୍ଗ ରାଜସ୍ୱ ବିଭାଗ ଅଧୀନରେ ଥିବା ଗୋଚର, ଜଙ୍ଗଲ ଜମି, କେନାଲ ବଳ ପୂର୍ବକ ଅଧିକୃତ ହେଉଥିବା ନଜିର ଥିବା ବେଳେ ଏବେ ସେମିତି ଏକ ଚଞ୍ଚକତା ସାମ୍ନା କୁ ଆସିଛି। ଅସ୍ତରଙ୍ଗ ତହସିଲ ଅଧୀନ କୁହୁଡି ମୌଜା ରେ ଥିବା ୬ ଡ଼ିସିମିଲି ର ଦୁଇ ଗୋଟି ପ୍ଲଟ ଯାହା ମା' କ୍ଷେତ୍ରପାଳ ଙ୍କନାମରେ ଅଛି। ସେହି ଜମି କୁ ଅସ୍ତରଙ୍ଗ ଅଞ୍ଚଳ ର କୁସୁମ୍ବର ସାମିଲ ବରଡ଼ିହ ଗ୍ରାମ ର ନଟବର ଓଝା, ବାଳକୃଷ୍ଣ ଓଝା, ସତ୍ୟାନନ୍ଦ ଓଝା ଯିଏକି ରେକର୍ଡ ମୁତାବକ ଏହି ଠାକୁରାଣୀ ଙ୍କ ଜମି ର ମାର୍ଫତ ଦାରୀ ଅଟନ୍ତି ମାତ୍ର ଏହି ବ୍ୟକ୍ତି ବିଶେଷ ମାନେ ଚଞ୍ଚକତା କରି ଏହି ଜମି ଜବରଦଖଲ କରି ବିକ୍ରୟ କରିବା ପାଇଁ ମସୁଧା ଚଳାଇଛନ୍ତି, ଯାହାକୁ ନେଇ କୁହୁଡି ମୌଜା ର ଶତାଧିକ ବାସୀ ଏହି ଘଟଣା ସଂକ୍ରାନ୍ତ ରେ ଅବଗତ ହେବା ପରେ ଆଜି ଅସ୍ତରଙ୍ଗ ତହସିଲଦାର ଓ କାକଟପୁର ଉପ-ନିବନ୍ଧକ ଙ୍କ ନିକଟରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଉକ୍ତ ଜମି କୁହୁଡି ମୌଜା ମା 'କ୍ଷେତ୍ରପାଳ ଙ୍କ ନାମ ରେ ରହିଛି , ରେକର୍ଡ ମୁତାବକ ଖାତା ନମ୍ବର -୧୮୮, ପ୍ଲଟ ନମ୍ବର - ୧୮୫୧, ୧୮୫୨ ରହିଛି, ଯଦି ସ୍ଥାନୀୟ ରାଜସ୍ୱ ବିଭାଗ ଏହି ଘଟଣା ର ଉପଯୁକ୍ତ ତଦନ୍ତ କରି ଠାକୁରାଣୀ ଙ୍କ ଜମି କୁ ସୁରକ୍ଷିତ ନକରେ ତାହେଲେ ଆଗାମୀ ଦିନରେ କୁହୁଡି ମୌଜାବାସୀ ତହସିଲ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

# ଛାତ୍ର ଛାତ୍ରୀ ପକାଇଲେ ବିଦ୍ୟାଳୟ ମୁଖ୍ୟଫାଟକରେ ତାଲା

ଆସିକା(ମହାଭାରତ): ଆସିକା ଟେକ୍ନିକାଲ ହାଇସ୍କୁଲର ଗଣିତ ଶିକ୍ଷୟତ୍ରୀଙ୍କ ଦୁର୍ବ୍ୟବହାର କୁ ବିରୋଧ କରି ଛାତ୍ର ଛାତ୍ରୀ ପକାଇଲେ ବିଦ୍ୟାଳୟ ମୁଖ୍ୟଫାଟକରେ ତାଲା।ଆଜି ଟେକ୍ନିକାଲ ହାଇସ୍କୁଲର କାର୍ଯ୍ୟସୂଚୀ ଅନୁଯାୟୀ ବିଦ୍ୟାଳୟରେ ନବମ ଶ୍ରେଣୀର ଗଣିତ ଶିକ୍ଷାଦାନ ପାଇଁ କାର୍ଯ୍ୟରତ ଗଣିତ ଶିକ୍ଷୟତ୍ରୀ ଆକଲିମ ବେଗମ ଶ୍ରେଣୀଗୃହକୁ ଶିକ୍ଷାଦାନ ପାଇଁ ଯାଇନଥିଲେ। ଏହାକୁ କେନ୍ଦ୍ର କରି ଛାତ୍ର ଛାତ୍ରୀ ପ୍ରଧାନଶିକ୍ଷୟତ୍ରୀ ଙ୍କୁ ଅଭିଯୋଗ କରିଥିଲେ ଏହା ସତ୍ୱେ ମଧ ଶିକ୍ଷୟତ୍ରୀ ଜଣଙ୍କ ବିଦ୍ୟାଳୟରେ ଉପସ୍ଥିତ ଥାଇ ମଧ ଶିକ୍ଷା ଦାନ ପାଇଁ ଗଲେ ନାହିଁ। ଶିକ୍ଷୟତ୍ରୀ ଜଣଙ୍କ ନିଯୁକ୍ତି ହେବ ଦିନଠାରୁ ବିଭିନ୍ନ ଆଳ ଦେଖାଇ ବିଦ୍ୟାଳୟକୁ ନଆସିବା ଛାତ୍ର ଛାତ୍ରୀ ଙ୍କ ଦୁର୍ବ୍ୟବହାର କରିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ବୁର୍ବ୍ୟବହାର କରିବା ଯୋଗୁଁ ଶେଷରେ ଛାତ୍ର ଛାତ୍ରୀ ମାନେ ଉ□ଜିତ ହୋଇ ମୁଖ୍ୟ ଫାଟକରେ



ଭିତରେ ଓ ବାହାରେ ଅପରାହ୍ନ ୨ଟା ପରେ ତାଲା ପକାଇ ଶିକ୍ଷୟତ୍ରୀ ଙ୍କ ଦୁର୍ବ୍ୟବହାର ର ତଦନ୍ତ ଓ ବଦଳି ଦାବୀ କରି ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ସନ୍ଧ୍ୟା ୬ଘଣ୍ଟ ପର୍ଯ୍ୟନ୍ତ ଚାଲିଥିଲା। ବିଦ୍ୟାଳରେ ୪୨୯ଛାତ୍ର ଛାତ୍ରୀ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ ବନ୍ଦୀ ହଇରହିଥିଲେ। ଶେଷରେ ଆସିକା ବ୍ଲକ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଏ ବିଇଓ ଶିବ ରାମ ବେହେରା, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ଉପସ୍ଥିତ ରହି ପିଲା ମାନଙ୍କୁ ବୁଝା ସୁଝା କରିବ ସତ୍ୱେ ମଧତାଲା ଫିଟାଇ ନଥିଲେ।ଦୀର୍ଘ ସମୟ ହୋଇ ଯାଇଥିବା ଯୋଗୁଁ କେତେକ ଅଭିଭାବକଙ୍କ ଚେଷ୍ଟା ପରେ ବିଦ୍ୟାଳୟ ପଛପଟ ହଷ୍ଟେଲ ଫାଟକ ଦେଇ ଛାତ୍ର ଛାତ୍ରୀ ବାହାରିଥିଲେ। ଏବଂ ବିବାଦୀୟ ଶିକ୍ଷୟତ୍ରୀ ଙ୍କ କଡା ସୁରକ୍ଷା ମଧରେ ଉଦ୍ଧାର କରି ବିଇଓ ତାଙ୍କ ନିଜ ଘର ବ୍ରହ୍ମପୁର କୁ ପଠାଇ ଥିଲେ। ଶିକ୍ଷୟତ୍ରୀ ଙ୍କ ବିରୁଦ୍ଧରେ ଛାତ୍ର ଛାତ୍ରୀ,ଅଭିଭାକ,ବିଦ୍ୟାଳୟ ପରିଚାଳନା କମିଟି,ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠି ଶିକ୍ଷାଧିକାରୀ, ବିଧାୟକ, ସ୍ଥାନୀୟ ପୋଲିସ, ଶିକ୍ଷା ମନ୍ତ୍ରୀ ଜିଲ୍ଲାପାଳ ଙ୍କ ଦୀର୍ଘ ୬ମାସ ଧରି ଲଗାତାର ଭାବେ ଲିଖିତ ଅଭିଯୋଗ କରିଥିଲେ ମଧ ଶିକ୍ଷୟତ୍ରୀ ଜଣକ ଦୁର୍ବ୍ୟବହାର, ଅନୁପସ୍ଥିତିତି ତଦନ୍ତ ନକରିବା କିମ୍ବା ବଦଳି କରିନଥିବା ଯୋଗୁଁ ଶେଷରେ କୋମଳ ମାତି ଛାତ୍ର ଛାତ୍ରୀ ମାନେ ମୁଖ୍ୟ ଫାଟକରେ ଦୀର୍ଘ ସମୟ ଧରି ତାଲା ପକାଇବା ଭଳି ଏକ ଅଭାବନୀୟ ଘଟଣା ଘଟିଥିଲା। ବର୍ତମାନ ରାଜ୍ୟରେ ଫକୀର ମୋହନ ମହାବିଦ୍ୟାଳୟ ରେ ଶିକ୍ଷକ ନିର୍ଯାତନା ରେ ସୌମ୍ୟଶ୍ରୀ ଙ୍କ ଆତ୍ମହତ୍ୟା ଘଟଣା ଘଟି ଚର୍ଚ୍ଚାର ବିଷୟ ହୋଇଥିଲା ବେଳେ ପୁଣି ଆସିକାରେ ଶିକ୍ଷୟତ୍ରୀ ଙ୍କ ଛାତ୍ର ଛାତ୍ରୀଙ୍କୁ ନିର୍ଯାତନା ଘଟଣା ଆଜି ଏକ ଆନ୍ଦୋଳନର ରୂପ ନେଇଛି। ପ୍ରଶାସନ ଏହିଭଳି ଏକ ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ଶିକ୍ଷାବିଭାଗ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲପାଳ, ସ୍ଥାନୀୟ ତହସିଲଦାର, ବିଡ଼ିଓ, ପୋଲିସ ଏହାକୁ ଗୁରୁତର ଦେଇ ନଥିବାଯୋଗୁ ଏହି ଆନ୍ଦୋଳନ ଦୀର୍ଘ ସମୟ ଧରି ଚାଲିଥିଲା। ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନ ର ଦାଇତ୍ୱ ହୀନତା ଆଜି ପଦାରେ ପଡିଥିଲା। ଶିକ୍ଷୟତ୍ରୀ ଜଣଙ୍କ ତାଙ୍କ ଚାକିରୀ କାଳ ମଧରେ କ୍ଷେତ୍ରୀବରପୁରପ୍ରଧାନ ଶିକ୍ଷକଙ୍କୁ ମାଡ଼ ମାରିବା ଘଟଣାରେ ନିଲମ୍ବିତ ହୋଇ କିଛିଦିନ ପରେ ଶେରଗଡ଼ ଧଉତର ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଥିଲେ।ସେଠାରୁ ପୁଣି ବିବାଦୀୟ ହୋଇ ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ରେ ବସିବା ପରେ ଶେଷରେ ଆସିକା ଟେକ୍ନିକାଲ ହାଇସ୍କୁଲରେ ଗଣିତ ଶିକ୍ଷୟତ୍ରୀ ଭାବେ ଗତ ଜୁନ ୨୦୨୩ ମସିହାରେ ପ୍ରତିନିଯୁକ୍ତି ପାଇ ଶିକ୍ଷୟତ୍ରୀ ଜଣଙ୍କ ନିଜ କାର୍ଯ୍ୟରେ ଯୋଗ ଦେଇଥିଲେ। କାର୍ଯ୍ୟରେ ଯୋଗ ଦିନଠାରୁ ଛାତ୍ର ଛାତ୍ରୀ ବିଭିନ୍ନ ନିର୍ଯାତନା ଦେଇଆସୁଥିଲେ। କିଛି ଦିନ ତଳେ ଜଣେ ଛାତ୍ରୀ ନିର୍ଯାତିତ ହୋଇ କୋଟିନଡ଼ା ଥାନାରେ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ।ଏହିଭଳି ଦୀର୍ଘ ୬ମାସ ଧରି ବିଦ୍ୟାଳୟ ରେ ଏହି ସମସ୍ୟା ଲାଗିରହିଥିଲା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଏହି ଘଟଣା ପ୍ରତି ଧାନ ଦେଉନଥିବା ଯୋଗୁଁ ଆଗାମୀ ଦିନରେ ଏକ ବଡ଼ ଅଘଟଣ ଘଟିବା ସମ୍ଭାବନା ରହିଛି। ଆଜିର ଏହି ତାଲା ପକାଇବା ଘଟଣାକୁ ଅଭିଭାବକ ମାନେ ନିନ୍ଦା କରିବା ସହ ସହରରେ ଏକ ମୁଖ୍ୟଚର୍ଚ୍ଚାର ବିଷୟ ପାଲଟିଛି।

## ୩ଟି ସ୍ଥାନରେ ୧୦ ଟି ହାତୀ
## ଧାନ ରୁଆ କିଆରି ଓ ଧାନ ତଳି ନଷ୍ଟ କଲେ ହାତୀ ପଲ



କରଞ୍ଜିଆ, (ମହାଭାରତ) ଧାନ ଚାଷ ଆରମ୍ଭ ସମୟ ରୁ ଧାନ ଫସଲ ନଷ୍ଟ କଲେଣି ହାତୀ ପଲ। କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ଓ ସାତକୋଶିଆ ରେଞ୍ଜ ଅଞ୍ଚଳରେ ୩ଟି ଦଳରେ ୧୦ ଟି ହାତୀ ଥିବା ସୂଚନା ।ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଖୋଜୁରିଆ ଜଙ୍ଗଲରେ ୪ଟି ଥିଲା ବେଳେ ଗୋବରଜଡା ତରାମରା ଜଙ୍ଗଲ ରେ ୩ଟି ହାତୀ ଥିବା ର ସୂଚନା । ହାତୀ ପଲ ଦିନରେ ଜଙ୍ଗଲ ରେ ରହୁଥିବା ବେଳେ ସଂଧ୍ୟା ହେଲେ ଗାଁର ଧାନବିଲ ଓ ତଳାଗାଡି ଖାଇବା ସହିତ ନଷ୍ଟ କରୁଛନ୍ତି । ଗତକାଲି ଖୋଜୁରିଆ ଜଙ୍ଗଲରୁ ବାହାରି ହାତୀପଲ କଳେଇଯାଉ ଗ୍ରାମର ଲାଲମୋହନ ମୁର୍ମୁ , କାହ୍ନା ମୁର୍ମୁ , କମଳା ହେମ୍ବ୍ରମ ଓ ବସନ୍ତ ସୋରେନ୍ ର ଧାନ ବିଲରେ ପଶି ଚାଷୀ କରିଥିବା ଧାନ ତୋଳି ଓ ବିଲରେ ରୋଇ ଥିବା ଧାନ ଗଛ କୁ ମାଡି ନଷ୍ଟ କରିଦେଇଥିବାର ଜଣା ଯାଇଛି। ସେହିପରି ତରାମରା ଜଙ୍ଗଲ ୩ଟିକିଆ ହାତୀ ପଲ ଗୋବରଜଡା, ହାଡିଫୁଟା ଓ ହାତୀ ଫସଲ ନଷ୍ଟ କରିଥିବା ନେଇ ସକାଳୁ ଚାଷୀ ମାନେ ଦେଖିବା ପରେ ସ୍ଥାନୀୟ ବନବିଭାଗ କର୍ମଚାରୀ ଙ୍କୁ ଖବର ଦେଇଥିଲେ। ସେହିପରି ସାତକୋଶିଆ ରେଞ୍ଜ ର ଆର ଏଫ୍ ୧ ବି ଅ□ଳରେ ୩ଟି ହାତୀ ଥିବା ସୂଚନା। ତେବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଙ୍କୁ ପଚାରିବାରୁ ସେ କହିଲେ ହାତୀ ପଲ ଉପରେ ନଜର ଅଛି ଖବର ପାଇଲା ପରେ ସଂଙ୍ଗେ ସଂଙ୍ଗେ ପହଞ୍ଚି ହାତୀ ଘୋଉଡାଇବା ସହ ଖୟଖୋତିର ଆକଳନ କରି ସରକାରୀ ସାହାଯତା ଯୋଗଦେଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ପ୍ରତିଷ୍ଠା ଦିବସ ରେ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ଭି.ଏଲ୍.ଇ

ଅସ୍ତରଙ୍ଗ( ମହାଭାରତ):ଆଜି ଭାରତ ସରକାର ଙ୍କ ଡିଜିଟାଲ ଇଣ୍ଡିଆ ର ଏକ ଅଭିନ୍ନ ଜନସେବକ ସଂସ୍ଥା ସିଏସସି ର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ୧୯୯୦ ମସିହା ରୁ ଏହି ସଂସ୍ଥା ବିଭିନ୍ନ ବିଭାଗ କାର୍ଯ୍ୟ କରିଆସୁଥିବା ବେଳେ ୨୦୦୯ ମସିହା ରେ ଏହାକୁ ସ୍ୱତନ୍ତ୍ରତା ମିଳିଥିଲା, କେନ୍ଦ୍ର ସରକାର ଙ୍କ ଆଇଟି ମନ୍ତ୍ରଣାଳୟ ଅଧୀନରେ ଏହି ସଂସ୍ଥା ଡିଜିଟାଲ ଇଣ୍ଡିଆ ର ଏକ ସ୍ୱତନ୍ତ୍ର ଜନସେବକ ଭାବେ ଏବେ ପ୍ରତ୍ୟେକ ପଞ୍ଚାୟତ ରେ ଜନପ୍ରିୟତା ପାଇଛି, ଆଜି ୧୬ ବର୍ଷ ରେ ପଦାର୍ପଣ କରିଛି ଏହି ଏହି ଅନୁଷ୍ଠାନ, ଯାହାକୁ ନେଇ ଅସ୍ତରଙ୍ଗ ପିର ଜାହାନିଆ ବେଳାଭୂମି ରେ ଏହି ଅନୁଷ୍ଠାନ ର କର୍ମକର୍ତ୍ତା ମାନେ ଏକତ୍ରିତ ହୋଇ ଜଙ୍ଗଲ ସଫେଇ କରିବା ସହ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଥିଲେ, ପ୍ରତ୍ୟେକ ଦିନ କମ୍ପୁଟର ସାମ୍ନା ରେ ସରକାର ଙ୍କ ପ୍ରତ୍ୟେକ ଜନହିତାଧିକାରୀ କାର୍ଯ୍ୟ କୁ ଲୋକ ଙ୍କୁ ସୁବିଧା ରେ ସେବା ଯୋଗାଉଥିବା ଏହି କର୍ମୀ ଆଜି ସ୍ୱଚ୍ଛଭାରତ ଅଭିଯାନ ରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଛନ୍ତି, ଅନେକ ସମୟ ରେ ଏମାନେ କାମ କରୁଥିବା ପରିସ୍ଥିତି ରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଅସ୍ତରଙ୍ଗ ସିଏସସି ଅନୁଷ୍ଠାନ ମାନେ ସରକାର ଙ୍କୁ ଦାବୀ କରିଛନ୍ତି ଯେ ଆମେ ସରକାର ଙ୍କ ଜଣେ ଜଣେ ସେବକ କିନ୍ତୁ ଆମ ସୁରକ୍ଷା କୁ ସରକାର ଗୁରୁତ୍ୱ ଦେବା ନିତ୍ୟାନ୍ତ ଆବଶ୍ୟକ।

## ଆଶା ଆଶଙ୍କାରେ ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ: ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଜନସାଧାରଣଙ୍କ ଦୀର୍ଘଦିନର ଦାବି କେନ୍ଦ୍ରୀୟବିଦ୍ୟାଳୟ ସ୍ଥାପନ ଏବେ ଆଶାଆଶଙ୍କାରେ, ପ୍ରଭାବଶାଳୀଙ୍କ ଜୋରଦାର ଉଦ୍ୟମ ସଦରମହକୁମା ବାହାରେ ସ୍ଥାପନ ପାଇଁ।ତେବେ ଗତନିର୍ବାଚନରେ ବିଜେପିର ଇସ୍ତାହାରରେ ମୁଖ୍ୟପ୍ରତିଶୃତି ଥିଲେହେଁ କେନ୍ଦ୍ରୀୟବିଦ୍ୟାଳୟ ମଞ୍ଜୁରୀ ହେବାପୂର୍ବରୁ ପ୍ରଭାବଶାଳୀଙ୍କ ଚାଲରେ ସଦରମହକୁମା ପରିବର୍ତ୍ତେ ଅନ୍ୟତ୍ର ନିର୍ମାଣପାଇଁ ଚୂଡାନ୍ତକରି ସେହିଅଞ୍ଚଳର ଏକ ବିଦ୍ୟାଳୟକୁ ନବୀକରଣ କରାଯାଇ କ୍ଲାସ ଆରମ୍ଭ ପାଇଁ ବ୍ୟାପକ ପ୍ରସ୍ତୁତି ସରିଛି ।ଏଥିପାଇଁ ସ୍ଥାନୀୟ ହିନ୍ଦୋଳ ବିଜେପି ନେତାକର୍ମୀ ମହଲରେ ଦେଖାଦେଇଛି ଘୋର ଅସନ୍ତୋଷ, ତିକ୍ତତା ଓ ଦଳରେ ବିଦ୍ରୋହର ସ୍ୱର ଶୁଭିଛି ଏବଂ ସଦରମହକୁମା ବାସି ମଧ ଅପେକ୍ଷା କରିଛନ୍ତି ସଦର ବିଜେପି ନେତୃମଣ୍ଡଳୀ, କାର୍ଯ୍ୟକର୍ତା ଓ କର୍ମୀଙ୍କ କାର୍ଯ୍ୟକଳାପକୁ। ସମସ୍ତ ଅନୁସଙ୍ଗିକ ସୁବିଧାସୁଯୋଗ,ଗମନାଗମନ,ସମସ୍ତ ବିଭାଗୀୟ କାର୍ଯ୍ୟାଳୟଥିବା ସହ ସହରାଞ୍ଚଳ ହୋଇଥିବା ହିନ୍ଦୋଳ ସଦରମହକୁମାରେ କେନ୍ଦ୍ରୀୟବିଦ୍ୟାଳୟ ନିର୍ମାଣପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ର ପାଣି, ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ସଦରମହକୁମା ବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନପରେ ମଧ ରସୋଳର ଏକ ହାଇସ୍କୁଲକୁ କେନ୍ଦୀୟବିଦ୍ୟାଳୟ ଶିକ୍ଷାଆରମ୍ଭ ପାଇଁ କରାଯାଉଥିବା ନବୀକରଣ, ହିନ୍ଦୋଳରେ ସ୍ଥାନ ନିରୂପଣ , ପରିଦର୍ଶନ ନକରିବା ଓ ହିନ୍ଦୋଳ ବାଳିକା ଉଚ୍ଚବିଦ୍ୟାଳୟକୁ ନବୀକରଣ ନକରିବା ହିନ୍ଦୋଳବାସୀଙ୍କୁ ସନ୍ଦେହରେ ପକାଇଛି।ତେବେ ଏଥିପାଇଁ ପୁଣିଥରେ ଆଜି ଜିଲ୍ଲାପାଳଙ୍କୁ ସଦମହକୁମାବାସୀଙ୍କ ପକ୍ଷରୁ ଜନଶୁଣାଣୀ ଅଭିଯୋଗରେ ଭେଟି ସଦରମହକୁମାରେ କେନ୍ଦ୍ରୀୟବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର ଦିଆଯାଇଛି। ହିନ୍ଦୋଳ ବିଜେପିର ବରିଷ୍ଠନେତା ରାଜ୍ୟପରିଷଦ ସଭ୍ୟା ଅଜୟ ଦାସ,ନଗରସଭାପତି କୁବେର ବେହେରା, ବିଜେପିନେତା ଘନ ନାଏକ,ସନ୍ତୋଷ ବେହେରା, ଶେଷଦେବ ସାହୁ, ସୁମନ ଦାସ,ଅବନୀ ବେହେରା ଶ୍ରୀପତି ସାହୁ,ପ୍ରତାପ ବେହେରା,ସୁଜିତ ବେହେରା,ବନଜ ପାଳ, ରମେଶ ବେହେରା, ରମେଶ ମିଶ୍ର, ସନ୍ତୋଷ ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିବାବେଳେ ପ୍ରଭାବଶାଳୀ ବ୍ୟକ୍ତିର ଚାପରେ ଚେପା ହୋଇଯାଉଛନ୍ତି ନା ଦାବିପୂରଣ ହେଉଛିବୋଲି ଶାସକଦଳର ସ୍ଥାନୀୟ ନେତା,କାର୍ଯ୍ୟକର୍ତା ଓ କର୍ମୀଙ୍କ ଉପରେ ରହିଛି ଜନସାଧାରଣଙ୍କ ନଜରବୋଲି ସର୍ବତ୍ର ଆଲୋଚନା।

## ଆମ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

କପ୍ତିପଦା-(ମହାଭାରତ): କପ୍ତିପଦା -ଆମ ଦୁର୍ଗା ପୂଜା କମିଟି, ଉଦଳା ତରଫରୁ ଚଳିତ ବର୍ଷ ଦୁର୍ଗା ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ ହୋଟେଲ ସିପ୍ରନ୍ ଇନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କମିଟିର ସଭାପତି ଶ୍ରୀଯୁକ୍ତ ଶ୍ରୀନାଥ ସୋରେନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସମ୍ପାଦକ ଅମୀୟ କୁମାର ବଳ ବାର୍ଷିକ ବିବରଣୀ ଉପସ୍ଥାନ କରିବାସହ ପୂର୍ବବର୍ଷର ଆୟ ଓ ବ୍ୟୟ ଉପସ୍ଥାପନ କରିଥିଲେ । ଚଳିତବର୍ଷ ଠାରୁ ଆମ ଦୁର୍ଗା ପୂଜା କମିଟିର କର୍ମକର୍ତାଙ୍କ କାର୍ଯ୍ୟକାଳ ସମାପ୍ତି ହେଉଥିବାବେଳେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଶ୍ଵଜିତ ନାୟକ, ସମ୍ପାଦକ ଭାବେ ଅମୀୟ କୁମାର ବଳ, ଉପସଭାପତି ଭାବେ ଅଶୋକ କୁମାର ଦାସ, ସହ ସମ୍ପାଦକ ଭାବେ ଅଭିମନ୍ୟୁ ଗିରି, କୋଷାଧକ୍ଷ ଭାବେ, ଅବନ୍ଧୁ ବାରିକ, ସଂଯୋଜକ ଭାବେ ଦିଲ୍ଲିପ କୁମାର ପ୍ରମାଣିକଙ୍କ ନାମକୁ ସର୍ବସମ୍ମତି କ୍ରମେ ପାରିତ କରାଯାଇ ଆସନ୍ତା ତିନି ବର୍ଷ ପାଇଁ ସେମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା ।ଏହି ବୈଠକରେ ବିଧାୟକ ତଥା ବରିଷ୍ଠ ଉପଦେଷ୍ଟା ଭାସ୍କର ମଢ଼େଇ, ପୂଜା କମିଟିର ପୂର୍ବତନ ସଭାପତି ପ୍ରଦୀପ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ବରିଷ୍ଠ ସଦସ୍ୟ ଡାକ୍ତର ସଚିଦାନନ୍ଦ ପରିଡା, ବରିଷ୍ଠ ସଦସ୍ୟ, ଭାଗୀରଥୀ ଜେନା ମଞ୍ଚାସୀନ ହୋଇ ଚଳିତ ବର୍ଷ ଦୁର୍ଗା ପୂଜାକୁ ଶୃଙ୍ଖଳିତ ଓ ଖୁବ୍ ଧୁମ୍ ଧାମ୍ ରେ ଆୟୋଜନ କରିବା ପାଇଁ ନିଜ ନିଜର ମତ ଉପସ୍ଥାପନ କରିଥଲେ।

## ଶ୍ରମିକ ଭାବେ କାମ କରୁଥିବା ଛାତ୍ରଙ୍କୁ ସହଯୋଗର ହାତ ବଢାଇଲେ ଜିଲ୍ଲାପାଳ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : ଦଶମ ବୋର୍ଡ ପରୀକ୍ଷାରେ ଏ-୨ ଗ୍ରେଡ ପାଇ ୪୯୮ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ସମଗ୍ର ବ୍ଲକକୁ ଗୌରାବାନିତ କରିଥିବା ଲାଞ୍ଜିଗଡ ବ୍ଲକ ବନ୍ଧପାରୀ ପଞ୍ଚାୟତ ଟିମନଭାଡ଼ି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ର ସୁରଜ୍ ନାଗ, ଜଣେ ଅତି ଗରିବ ଘରର ପିଲାର ଦଶମ ବୋର୍ଡ ପରୀକ୍ଷାରେ ଏହି ସଫଳତାକୁ ନେଇ ନିଜ ପରିବାର ଓ ଗାଁ ଲୋକ ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ବେଶ୍ ଖୁସି ହୋଇଥିଲେ । ଏହି ସଫଳତା ପାଇଁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମେଧାବୀ ଛାତ୍ର ସୁରଜ୍ ଓ ଆଉ ଦୁଇ ଜଣ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ହେଲେ ଏହି କାର୍ଯ୍ୟକ୍ରମରେ ଅନ୍ୟ ଦୁଇ ଜଣ ଛାତ୍ରଙ୍କ ସହିତ ସୁରଜ୍ ନାଗ ସାମିଲ ହୋଇପାରିନଥିଲେ କାହିଁକିନା ସେ ପରିବାର ଅନାଟନ ଓ ଦାରିଦ୍ରତା ଯୋଗୁଁ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ପାସ କରିଥିଲେ ମଧ କଲେଜ ରେ ନାମ ଲେଖାଇ ପାଠ ପଢ଼ିବାର ସ୍ୱପ୍ନ ଓ ଆଶା ମଉଳି ଯାଇଥିଲା ଓ ସେ ପାଠ ପଢ଼ାରେ ଡୋରି ପକାଇ ଶ୍ରମିକ ଭାବେ କାମ କରି ଅର୍ଥ ଉପାର୍ଜନ କରିବା ଆଶାରେ ସୁଦୂର କେରଳକୁ ଚାଲିଯାଇଥିଲା । ତା. ୦୪.୦୬.୨୦୨୫ ରିଖରେ ଖବର କାଗଜରେ ପ୍ରକାଶିତ ଶୀର୍ଷକ ପାଠପଢ଼ାରେ ଡୋରି, ମାଟ୍ରିକ ଟପ୍ପର ସୁରଜ୍ ପରିବାର ପାଇଁ କେରଳରେ ଦାଦନ ଶ୍ରମିକ ଖବର ଜିଲ୍ଲାପାଳଙ୍କ ନଜରକୁ ଆସିବା ସଙ୍ଗେ ସଙ୍ଗେ ଏହାର ତଦନ୍ତ କରି ସୁରଜ୍ କୁ କେରଳରୁ ଆଣି ତାର ପାଠ ପଢ଼ିବାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ କଳାହାଣ୍ଡି ପାଣ୍ଡ୍ୱର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ



ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦାରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହଯୋଗରେ କେରଳରୁ ସୁରଜ୍ ନାଗ ଙ୍କୁ ଠାବ କରି ତାକୁ କଳାହାଣ୍ଡି ଜିଲ୍ଲା କୁ ଅଣାଯାଇଥିଲା । ସୁରଜ୍ ନାଗ ନିଜ ଜିଲ୍ଲାକୁ ଫେରି ଜିଲ୍ଲାପାଳ କଳାହାଣ୍ଡିଙ୍କୁ ଭେଟି ନିଜର ସବୁ ଦୁଃଖ ଜଣାଇଥିଲେ । ସେ ଜଣେ ମେଧାବୀ ଛାତ୍ର ହେଲେ ସୁଧା ପରିବାରର ଆର୍ଥିକ ସମ୍ବଳ ନ ଥିବାରୁ କଲେଜରେ ପାଠ ପଢିବା ତା ପାଇଁ ସମ୍ଭବ ନ ଥିବା ହେତୁ ଜିଲ୍ଲା ପ୍ରଶାସନ ତରଫରୁ ତାର ପାଠ ପଢା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କୁ ବିନମ୍ର ନିବେଦନ କରିଥିଲେ । ଜିଲ୍ଲାପାଳ ପାଣ୍ଡ୍ୱର ସଚିନ ପ୍ରକାଶ ଉଦାର ହୃଦୟରେ ଏହାର ସୁବିଚାର କରି ତୁରନ୍ତ କଲେଜରେ ସୁରଜ୍‌ର ପାଠପଢା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫୬,୭୨୦ ଟଙ୍କା ମଞ୍ଜୁର କରି ପ୍ରଦାନ କରିଥିଲେ ଏବଂ ସୁରଜ୍‌ର ଉନ୍ନତ ଭବିଷ୍ୟତ କାମନା କରିବା ସହିତ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ତା ସହିତ ସୁରଜ୍‌ର ପାଠ ପଢା ପାଇଁ ଆବଶ୍ୟକ ପାଠ୍ୟ ପୁସ୍ତକ ମଧ ଜିଲ୍ଲାପାଳ ସୁରଜ୍ କୁ ସ୍ୱହସ୍ତରେ ପ୍ରଦାନ କରିଥିଲେ । ସୁରଜ୍ ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଯୁକ୍ତ ଦୁଇ କଳା ଶ୍ରେଣୀର ପ୍ରଥମ ବର୍ଷ ଛାତ୍ର ଭାବେ ନିଜର ଆଡ଼ମିସନ କରିସାରିଛି ଏବଂ ହଷ୍ଟେଲରେ ରହିବାର ସହିତ ତାର ସମସ୍ତ ଆବଶ୍ୟକ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ କଳାହାଣ୍ଡି ତରଫରୁ କରାଯାଇଛି । ଜିଲ୍ଲାପାଳଙ୍କ ଉଦ୍ୟମରେ ଜିଲ୍ଲା ପ୍ରଶାସନ ତରଫରୁ ସୁରଜ୍ କୁ କଲେଜ ରେ ପାଠ ପଢ଼ିବାର ସୁଯୋଗ ମିଳିଥିବାରୁ ସୁରଜ୍ ଜିଲ୍ଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ । ମୋ ପରି ଜଣେ ଅତି ଗରିବ ଘର ପିଲାର ଭବିଷ୍ୟତ ନିର୍ମାଣ ପାଇଁ ଜିଲ୍ଲାପାଳ ସାର୍ ସହଯୋଗ କରିଥିବାରୁ ମୁଁ ତାଙ୍କ ପାଖରେ ଚିରଋଣି ରହିବି କହି ଆଖି ଛଳ ଛଳ ହୋଇଯାଇଥିଲା । ଏହି ସହଯୋଗ ପାଇଁ ସୁରଜ୍ ମାନ୍ୟବର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଜିଲ୍ଲାପାଳ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପାଠ ପଢା ଛାଡି ପେଟପାଟଣା ପାଇଁ ରୋଜଗାର ଆଶାରେ କେରଳରେ ଶ୍ରମିକ ଭାବେ କାମ କରୁଥିବା ସୁରଜ୍ ନାଗ ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଯୁକ୍ତ ଦୁଇ କଳା ବିଭାଗର ପ୍ରଥମ ବର୍ଷ ଛାତ୍ର ଭାବରେ ନିଜର ଆଡ଼ମିସନ ହୋଇଥିବାରୁ ଏଥିପାଇଁ ସେ ନିଜକୁ ଗର୍ବିତ ମନେ କରି ଖୁସିରେ ପାଠ ପଢିବା ସହିତ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଦିଲ୍ଲୀ-ଏନସିଆରେ ପ୍ରବଳ ବର୍ଷା ସମ୍ଭାବନା ! ବିମାନ ଯାତ୍ରୀଙ୍କ ପାଇଁ ଆଡଭାଇଜରି ଜାରି

ନୂଆଦିଲ୍ଲୀ : ଦିଲ୍ଲୀ ଏନସିଆରରେ ପ୍ରବଳ ବର୍ଷା ଚେତାବନୀ । ଏଥିପାଇଁ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ । ବଦଳୁଥିବା ପାଗ ଦେଖି ଦିଲ୍ଲୀରୁ




ଅନ୍ୟ ସହରକୁ ଯାତ୍ରା କରିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ସମସ୍ୟା ଆଣିପାରେ। ତେଣୁ ବିମାନରେ ଯିବାକୁ ଥିବା ଯାତ୍ରୀଙ୍କ ପାଇଁ ଆଡଭାଇଜରି ଜାରି କରିଛି ଏୟାର ଇଣ୍ଡିଆ । ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦିଲ୍ଲୀ-ଏନସିଆରର ଅନେକ ଅଞ୍ଚଳରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ସମ୍ପର୍କରେ ଏକ ସତର୍କତା ଜାରି କରିଛି । ମୌସୁମୀ ବର୍ଷା ଅନେକ ଅଞ୍ଚଳକୁ ପ୍ରଭାବିତ କରିବ, କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଇଏମଡି କହିଛି ଯେ ଆଗାମୀ ଦୁଇ ଘଣ୍ଟା ମଧ୍ୟରେ ଦିଲ୍ଲୀ ଏବଂ ଏନସିଆରରେ କରନାଲ, ରାଜୌଣ୍ଡ, ସାଫିଦୋନ, ଜିନ୍ଦ, ସୋନିପତ, ଗୋହାନା, ଗଣୌର, ସୋନିପତ, ରୋହତକ, ଖାରଖୋଡା, ମାତନହାଇଲ, ଝଜ୍ଜର, ଫାରୁଖନଗର, ସୋହାନା, ରେୱାଡି, ପଲୱାଲ, ନୁହ, ଔରଙ୍ଗାବାଦ, ହୋଡାଲ (ହରିଆଣା), ନନ୍ଦଗାଓଁ, ଇଗଲାସ, ବରସାନା, ରାୟ, ମଥୁରା (ୟୁପି), ଭିୱାଡି, ତିଜାରା (ରାଜସ୍ଥାନ) ସମେତ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବ । ଏହା ସହିତ, ଘଣ୍ଟା ପ୍ରତି ୩୦-୫୦ କିଲୋମିଟର ବେଗରେ ହାଲୁକା ଘଡ଼ଘଡ଼ି ଏବଂ ପ୍ରବଳ ପବନ ବହିବାର ସମ୍ଭାବନା ମଧ୍ୟ ରହିଛି । ରାଜଧାନୀ ଦିଲ୍ଲୀର ପାଗକୁ ଧ୍ୟାନରେ ରଖି ବିମାନ କମ୍ପାନୀ ଏୟାର ଇଣ୍ଡିଆ ଏକ ଯାତ୍ରା ପରାମର୍ଶ ଜାରି କରିଛି । ଏୟାର ଇଣ୍ଡିଆ ଏହାର ଢ ଆକାଉଣ୍ଟରେ ଏକ ପରାମର୍ଶ ଜାରି କରି କହିଛି, 'ଦିଲ୍ଲୀରେ ଝଡ଼ ପବନ ଯୋଗୁଁ ବିମାନ ପରିଚାଳନା ପ୍ରଭାବିତ ହୋଇପାରେ । ଏକ ସୁଗମ ବିମାନ ଯାତ୍ରା ପାଇଁ, ଆମେ ଯାତ୍ରୀମାନଙ୍କୁ ଅନୁରୋଧ କରୁଛୁ ଯେ, ସେମାନେ ବିମାନବନ୍ଦରକୁ ଆସିବା ପୂର୍ବରୁ ସେମାନଙ୍କ ବିମାନର ସ୍ଥିତି ଯାଞ୍ଚ କରନ୍ତୁ।'

## ଚଳନ୍ତା ବୋଲେରୋରେ ମହିଳାଙ୍କୁ ଗଣଦୁଷ୍କର୍ମ

ପୁଣି ଗୋଟିଏ ଲଜ୍ଜାଜନକ ଘଟଣା। ମହିଳାଙ୍କ ସହ ଘଟିଛି ସାଂଘାତିକ କାଣ୍ଡ। ରାଜସ୍ଥାନର ଅଲୱାରରେ ଜଣେ ମହିଳାଙ୍କୁ ଅପହରଣ କରାଯିବା ପରେ ୭ ଜଣ ଲୋକ ଚଳନ୍ତା କାର ଭିତରେ ତାଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ତାଙ୍କୁ ୧୧ ଦିନ କାଳ ଗୋଟିଏ ସ୍ଥାନରେ ବନ୍ଦୀ ରଖି ଦେଇଛନ୍ତି ଅକଥନୀୟ ନିର୍ଯାତନା। ଶେଷରେ ମହିଳା ଜଣଙ୍କ ଅଚେତ ହୋଇ ପଡ଼ିବାରୁ ତାଙ୍କୁ ଦୁର୍ବୃତ୍ତମାନେ ରାସ୍ତା କଡ଼ରେ ଫିଙ୍ଗି ଫେରାର ହୋଇଯାଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ଜୁନ ୨ରେ ବାଗଡ଼ ତିରାୟା ପୁଲିସ୍ ଷ୍ଟେସନରେ ଗୋଟିଏ ଏଫଆଇଆର ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ପୂରା ଘଟଣା ଏପ୍ରିଲ ୨୪ ତାରିଖ ରାତିରେ ଆରମ୍ଭ ହୋଇଥିଲା। ମହିଳା ଜଣଙ୍କ ଘର ବାହାରେ ଛିଡ଼ା ହୋଇଥିବା ବେଳେ ୩ ଜଣ ବ୍ୟକ୍ତି ତାଙ୍କୁ ବଳପୂର୍ବକ ଗୋଟିଏ ବୋଲେରୋ ଗାଡ଼ିରେ ଉଠାଇ ନେଇଥିଲେ। ସେମାନେ ତାଙ୍କୁ ପାନିୟାଲା ରୋଡ ପାଖରେ ଥିବା ଗୋଟିଏ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ପୂର୍ବରୁ ଆଉ ୪ ଜଣ ଉପସ୍ଥିତ ରହିଥିଲେ। ସମସ୍ତେ ମହିଳାଙ୍କୁ ଗାଡ଼ି ଭିତରେ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ମହିଳା ଜଣଙ୍କ ବିରୋଧ କରିବା ସହ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ହେଲେ ଦୁର୍ବୃତ୍ତମାନେ ତାଙ୍କ ମୁହଁକୁ କପଡ଼ାରେ ବନ୍ଦ କରିଦେଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ୧୧ ଦିନ କାଳ ବନ୍ଦୀ ରଖିବା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ ଓ ବିଭିନ୍ନ ପ୍ରକାରର ନିର୍ଯାତନା ଦେଇ ଚାଲିଥିଲେ। ଅଭିଯୁକ୍ତମାନେ ମହିଳାଙ୍କ ଆପତ୍ତିଜନକ ଭିଡିଓ ରେକର୍ଡ କରିବା ସହ ଘଟଣା ସମ୍ପର୍କରେ ପ୍ରଘଟ କଲେ ଏହାକୁ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲେ। ପୀଡ଼ିତା ଜଣଙ୍କ କହିଛନ୍ତି, "ଏପ୍ରିଲ ୨୪ ତାରିଖ ରାତିରେ ମୁଁ ହାଲୁକା ହେବାକୁ ଘରୁ ବାହାରିଥିଲି। ମୁଁ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ୩ ଜଣ ବ୍ୟକ୍ତି ବୋଲେରୋରେ ଆସିଥିଲେ ଓ ମୋତେ ଅପହରଣ କରି ନେଇଥିଲେ। ସେମାନେ ମୋତେ ଏମିତି ଏକ ସ୍ଥାନକୁ ନେଇ ଯାଇଥିଲେ ଯେଉଁଠାରେ ଆଉ ୪ ଜଣ ଗାଡ଼ିରେ ବସିଥିଲେ। ୭ ଜଣ ଯାକ ମିଶି ମୋତେ ଚଳନ୍ତା ଗାଡ଼ିରେ ଦୁଷ୍କର୍ମ କରିଥିଲେ। ମୁଁ ଚିତ୍କାର କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ମୁହଁରେ କପଡ଼ା ଦେଇ ବନ୍ଦ କରି ଦେଇଥିଲେ। ୨ ଜଣ ଅଭିଯୁକ୍ତ ମୋ ହାତ ଓ ଗୋଡ଼ ବାନ୍ଧି ପକାଇଥିଲେ। ସେମାନେ ମୋ ମୁଣ୍ଡରେ ବନ୍ଧୁକ ଲଗାଇ ଅପରାଧ ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ମାମଲା ରୁଜୁ ହେବା ପରେ ସେମାନେ ଧମକ ଦେବା ଆରମ୍ଭ କରିଛନ୍ତି। ସେମାନେ ମାମଲାକୁ ରଫାଦଫା କରିବାକୁ ୩ ଲକ୍ଷ ଟଙ୍କା ମଧ୍ୟ ଅଫର କରିଛନ୍ତି। ଯଦି ମୁଁ ଟଙ୍କା ନ ନେବି, ତା'ହେଲେ ସେମାନେ ମୋତେ ହତ୍ୟା କରିବାର ଧମକ ବି ଦେଇଛନ୍ତି।" ମହିଳା ଜଣ ୧୧ ଦିନ କାଳ ନିର୍ଯାତନା ସହି ନ ପାରି ଅଚେତ ହୋଇ ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ଘରକୁ ଫେରିଥିଲେ। ପ୍ରଥମେ ସେ ପୁଲିସ୍‌ରେ ଅଭିଯୋଗ କରିବା ପାଇଁ ସାହାସ ଦେଖାଇ ପାରି ନଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ପୁଲିସ୍ ପାଖକୁ ଯାଇଥିଲେ ହେଁ ତାଙ୍କ କଥାକୁ କେହି ବି ଶୁଣି ନଥିଲେ। ଶେଷରେ ପୀଡ଼ିତା ଓ ତାଙ୍କ ସ୍ୱାମୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଏଫଆଇଆର ରୁଜୁ କରିଛି। ହେଲେ ଏଯାଏ କୌଣସି ଗିରଫଦାରୀ ହୋଇ ନାହିଁ।

## ଲଗାତାର ତୃତୀୟ ଦିନରେ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ଲଗାତାର ତୃତୀୟ ଦିନରେ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ପୁଣି ଥରେ ଦିଲ୍ଲୀର ଦୁଇଟି ସ୍କୁଲକୁ ବୋମା ଧମକ ମିଳିଛି । ଆଜି ଦ୍ୱାରକାର ବସନ୍ତ ଭ୍ୟାଲି ଏବଂ ସେଣ୍ଟ ଥମାସ ସ୍କୁଲକୁ ମେଲ୍ ଯୋଗେ ବୋମା ଧମକ ପଠାଯାଇଛି । ଏନେଇ ସୂଚନା ପାଇବା ମାତ୍ରେ ଦିଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏ ପର୍ଯ୍ୟନ୍ତ ତଦନ୍ତରେ କିଛି ସନ୍ଦେହଜନକ ଜିନିଷ ମିଳିନଥିବା ଜଣାପଡ଼ିଛି । ସୂଚନା ମୁତାବକ, ଗତ ତିନି ଦିନ ଧରି ଦିଲ୍ଲୀର ସ୍କୁଲଗୁଡ଼ିକୁ ଧମକପୂର୍ଣ୍ଣ ମେଲ୍ ଆସୁଛି । ମଙ୍ଗଳବାର ଦିନ, ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜ ଏବଂ ସେଣ୍ଟ ଥମାସ ସ୍କୁଲକୁ ଇମେଲ୍ ମାଧ୍ୟମରେ ବୋମା ବିସ୍ଫୋରଣ ଧମକ ଦିଆଯାଇଥିଲା । କଲେଜ କ୍ୟାମ୍ପସ ଏବଂ ଲାଇବ୍ରେରୀରେ ଚାରୋଟି ବିସ୍ଫୋରକ ଉପକରଣ ଏବଂ ଦୁଇଟି ଜଉଢ ରଖାଯାଇଛି ବୋଲି କୁହାଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା । କିନ୍ତୁ ଘଟଣା ସ୍ଥଳରୁ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିଲା ।

# ଇସ୍ରାଏଲର ସିରିଆ ଉପରେ ହମଲା, ଲାଇଭ ପ୍ରସାରଣ ସମୟରେ ଟିଭି ଆଙ୍କରଙ୍କ ପଛରେ ପଡିଲା ବୋମା

ଦାମାସକସ : ଇସ୍ରାଏଲ ସେନା ସିରିଆର ରାଜଧାନୀ ଦାମାସକସରେ ଥିବା ରାଜ୍ୟ ଟେଲିଭିଜନ ଭବନ ଉପରେ ବୋମା ହମଲା କରିଛି। ଏହି ହମଲା ସମୟରେ ଜଣେ ଟିଭି ଆଙ୍କର ଲାଇଭ ପ୍ରସାରଣ ଛାଡ଼ି ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ପଳାଇଥିବା ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ସୋସିଆଲ ମିଡିଆରେ ଏକ ବିବୃତି ଜାରି କରି କହିଛନ୍ତି, "ଦାମାସକସକୁ ଦିଆଯାଇଥିବା ଚେତାବନୀ ଶେଷ ହୋଇଛି, ଏବେ କଠୋର ଜବାବୀ କାର୍ଯ୍ୟାନୁଷ୍ଠାନ ହେବ।" ସେ ଆହୁରି କହିଛନ୍ତି ଯେ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଓଜର) ସିରିଆର ଦକ୍ଷିଣାଞ୍ଚଳ ସୁଓ୍ୱେଇଦାରେ ଶକ୍ତିଶାଳୀ ଭାବେ କାର୍ଯ୍ୟ ଜାରି ରଖିବ। ସେ ଇସ୍ରାଏଲରେ ରହୁଥିବା ଦ୍ରୁଜ ସମ୍ପ୍ରଦାୟଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଓଜର ସିରିଆରେ ରହୁଥିବା ଦ୍ରୁଜ ସମ୍ପ୍ରଦାୟଙ୍କୁ ସୁରକ୍ଷା ଦେବ। ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ମୁଁ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଏକ ପ୍ରତିଶ୍ରୁତି ଦେଇଛୁ, ଏବଂ ଆମେ ତାହା ପାଳନ କରିବୁ।"

ଏହା ଇସ୍ରାଏଲର ସିରିଆ ଉପରେ କ୍ରମାଗତ ତୃତୀୟ ଦିନର ହମଲା। ଆଜି ସକାଳେ ଦାମାସକସର ମଧ୍ୟଭାଗରେ ଥିବା ସିରିଆର ପ୍ରତିରକ୍ଷା ମନ୍ତ୍ରାଳୟ ଭବନକୁ ମଧ୍ୟ ଇସ୍ରାଏଲ ଲକ୍ଷ୍ୟ କରି ଆକ୍ରମଣ କରିଛି। ଇସ୍ରାଏଲ ସେନା ଏକ ବିବୃତିରେ କହିଛି, "କିଛି ସମୟ ପୂର୍ବେ ସିରିଆର ଦାମାସକସ ଅଞ୍ଚଳରେ ସିରିଆ ଶାସନର ସାମରିକ ମୁଖ୍ୟାଳୟର ପ୍ରବେଶ ପଥକୁ ଆକ୍ରମଣ କରାଯାଇଛି।"

ଏହି ହମଲା ସୁଓ୍ୱେଇଦା ସହରରେ ଚାଲିଥିବା ସଂଘର୍ଷ ମଧ୍ୟରେ ହୋଇଛି, ଯେଉଁଠାରେ ସିରିଆ ସରକାରୀ ବାହିନୀ ଏବଂ ଦ୍ରୁଜ ସମ୍ପ୍ରଦାୟର ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଏକ ଯୁଦ୍ଧବିରତି ଭାଙ୍ଗିଯାଇଛି। ବୁଧବାର ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟଜ କହିଛନ୍ତି ଯେ, ସିରିଆ ସରକାରୀ ବାହିନୀ ସୁଓ୍ୱେଇଦାରୁ ପ୍ରତ୍ୟାହାର ନ କଲେ ଇସ୍ରାଏଲ ସେନା ସେମାନଙ୍କୁ ଲକ୍ଷ୍ୟ କରି ଆକ୍ରମଣ ଜାରି ରଖିବ ଏବଂ "ଯଦି ବାର୍ତ୍ତା ବୁଝାନପଡ଼େ ତେବେ ଶୀଘ୍ର ଆକ୍ରମଣର ମାତ୍ରା ବୃଦ୍ଧି କରାଯିବ।"

ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମଙ୍ଗଳବାର ରାତିରେ ଏକ ବିବୃତିରେ କହିଛନ୍ତି ଯେ, ଇସ୍ରାଏଲ ସିରିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳକୁ ଏକ ନିରସ୍ତ୍ରୀକୃତ ଅଞ୍ଚଳ ଭାବେ ରଖିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ "ଦ୍ରୁଜ ସମ୍ପ୍ରଦାୟଙ୍କୁ ସୁରକ୍ଷା ଦେବା ଆମର ଦାୟିତ୍ୱ।" ସୁଓ୍ୱେଇଦାରେ ଚାଲିଥିବା ସଂଘର୍ଷ ଦ୍ରୁଜ ସମ୍ପ୍ରଦାୟ ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ରହିଛି। ଏହି ସଂଘର୍ଷ ରବିବାର ଦିନ ଆରମ୍ଭ ହୋଇଥିଲା ଏବଂ ଏହା ସିରିଆର ନୂତନ ସରକାର ଏବଂ ଦ୍ରୁଜ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନାକୁ ବୃଦ୍ଧି କରିଛି। ସିରିଆ ସରକାର ଏହି ହମଲାକୁ "ସାର୍ବଭୌମତ୍ୱର ଉଲ୍ଲଂଘନ" ବୋଲି ନିନ୍ଦା କରିଛନ୍ତି।

## ପ୍ରବଳ ବର୍ଷା ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ, ଖବରକୁ ଗୁଜବ ବୋଲି କହିଲେ ଜମ୍ମୁ କଶ୍ମୀର ଡିଆଇପିଆରଓ

ଜମ୍ମୁ କଶ୍ମୀର : ପ୍ରବଳ ବର୍ଷା ହେଉଥିବାରୁ ଅମରନାଥ ଯାତ୍ରାକୁ ସ୍ଥଗିତ କରାଯାଇଛି । ପ୍ରବଳ ବର୍ଷା ପାଇଁ ଯାତାୟତରେ ଅସୁବିଧା ହେବା ସହ ବାଲଥାଲ ଏବଂ ପହଲଗାମରୁ ତୀର୍ଥଯାତ୍ରୀଙ୍କୁ ବର୍ତ୍ତମାନ ପାଇଁ ବନ୍ଦ କରାଯାଇଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରଥମ ଥର ପାଇଁ ଅମରନାଥ ଯାତ୍ରାକୁ ସ୍ଥଗିତ କରାଯାଇଛି। ତେବେ ଏଭଳି ଖବରକୁ ଖଣ୍ଡନ କରିଛନ୍ତି ଜମ୍ମୁ କଶ୍ମୀର ଡିଆଇପିଆରଓ । ଖବର ମୁତାବକ, ଜମ୍ମୁ ଏବଂ କାଶ୍ମୀରରେ ପାଗ ବହୁତ ଖରାପ ରହିଛି ଏବଂ ଗତକାଲିଠାରୁ ପ୍ରବଳ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ନାଳଗୁଡିକ ଉଛୁଳି ପଡିଛି । ଅନେକ ଜିଲାରେ ଅଣ୍ଡରପାସ୍ ବର୍ଷା ପାଣିରେ ପୂର୍ଣ୍ଣ ହୋଇଛି । ପାହାଡ



ଫାଟିବା ଏବଂ ଭୂସ୍ଖଳନର ଆଶଙ୍କା ମଧ୍ୟ ରହିଛି । ଭାରତୀୟ ପାଣିପାଗ ବିଭାଗର ଆଗାମୀ ୫ଦିନ ଅର୍ଥାତ୍ ୨୧ ଜୁଲାଇ ପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି ବୋଲି କୁହାଯାଉଥିଲା । ତେବେ ଏହାକୁ ମନା କରିଛନ୍ତି ଜମ୍ମୁ କଶ୍ମୀର ଡିଆଇପିଆରଓ । ଡିଆଇପିଆରଓ ବିଭାଗ ପକ୍ଷରୁ ଡିଭିଜିନାଲ କମଶନର କହିଛନ୍ତି, ସୋସିଆଲ ମିଡିଆରେ ଅମରନାଥ ଯାତ୍ରାକୁ ନେଇ ଗୁଜବ ପ୍ରଚାରିତ ହେଉଛି । ଏଥିପ୍ରତି ଧ୍ୟାନ ନ ଦେବାକୁ ଅନୁରୋଧ । ଅମରନାଥ ଯାତ୍ରା ବିନା କୌଣସି ପ୍ରତିବନ୍ଧକରେ ଚାଲୁ ରହିଛି । ୧୫ ଜୁଲାଇରେ ୨.୩୪ ଲକ୍ଷ ତୀର୍ଥଯାତ୍ରୀ ଯାତ୍ରା କରୁଛନ୍ତି ।

## ସଡ଼କ ଦୁର୍ଘଟଣା : ଜଣେ ମୃତ, ୨ ଆହତ

ବିହାର : ବିହାରର ଶିବହରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି । ଫଳରେ ରାଜପଥରେ ଉତ୍ତେଜନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ସୀତାମାଢ଼ି ଜାତୀୟ ରାଜପଥ ନଂ.୨୨୭ ସଦର ଥାନା ଅଞ୍ଚଳର ରସିଦପୁର ଗାଁରେ ଏହି ଘଟଣା ଘଟିଛି । ମୃତକ ହେଲେ ଅବଦୁଲ ରେହମାନ । ଯିଏକି ମୋତିହାରୀ ଜିଲ୍ଲାର ଚାନ୍ଦୱାରା ନିବାସୀ । ଆହତ ହେଲେ ଅବଦୁଲ ରେହମାନଙ୍କ ଭାଉଭଉଣୀ ସେରାଜ । ଅବଦୁଲ ରେହମାନ ତାଙ୍କ ଭାଇଭଉଣୀଙ୍କ ସହ ଚନ୍ଦୌଲିରେ ତାଙ୍କ ଶ୍ୱଶୁର ଘରୁ ଘରକୁ ଫେରୁଥିଲେ । ସେରାଜ ବାଇକ୍ ଚଲାଉଥିଲେ । ଫେରୁଥିବା ସମୟରେ ସେ ବାଇକ ଉପରୁ ନିୟନ୍ତ୍ରଣ ହରାଇ ରସିଦପୁର ସେତୁର ରେଲିଂ ସହିତ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ଅବଦୁଲ ରେହମାନଙ୍କ ମୃତ୍ୟୁ ହୋଇଥିବାବେଳେ ସେରାଜ ଗୁରୁତର ଆହତ ହୋଇଥିଲେ । ଏହି ଦୁର୍ଘଟଣା କାରଣରୁ ଆଉ ଏକ ବାଇକ ମଧ୍ୟ ନିୟନ୍ତ୍ରଣ ହରାଇ ବ୍ରିଜ ସହିତ ଧକ୍କା ହୋଇଥିଲା । ଫଳରେ ସେହି ବାଇକ ଚଲାଉଥିବା ଯୁବକ ଜଣକ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ଅନ୍ୟପଟେ ପୋଲିସ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବର୍ତ୍ତମାନ ଆହତଙ୍କର ଚିକିତ୍ସା ଚାଲିଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

## 'ପୁରୁଣା ଅସ୍ତ୍ରଶସ୍ତ୍ରରେ ନୂଆ ଯୁଦ୍ଧ ଜିତାଯାଇ ପାରିବ ନାହିଁ' : ସିଡିଏସ

ନୂଆଦିଲ୍ଲୀ : ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚୌହାନ ଆଧୁନିକ ଯୁଦ୍ଧରେ ଡ୍ରୋନ ଓ କାଉଣ୍ଟର-ୟୁଏଭି ସମର୍ଥନର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି। ନୂଆଦିଲ୍ଲୀର ମାନେକଶ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, "ପୁରୁଣା ଅସ୍ତ୍ରଶସ୍ତ୍ରରେ ନୂଆ ଯୁଦ୍ଧ ଜିତାଯାଇ ପାରିବ ନାହିଁ। ସ୍ୱଦେଶୀ ଡ୍ରୋନ ଓ କାଉଣ୍ଟର-ଡ୍ରୋନ ପ୍ରଯୁକ୍ତି ଆମ ପାଇଁ ଅତ୍ୟନ୍ତ ଜରୁରୀ।" ଜେନେରାଲ ଚୌହାନ 'ଅପରେସନ ସିନ୍ଦୁର'ର ଉଦାହରଣ ଦେଇ କହିଛନ୍ତି ଯେ, ମେ ୧୦ରେ ପାକିସ୍ତାନ ଡ୍ରୋନ ଓ ଲୋଇଟରିଂ ମ୍ୟୁନିସନ ବ୍ୟବହାର କରିଥିଲା, କିନ୍ତୁ ଭାରତୀୟ ସୈନ୍ୟ ଏହାକୁ କାଇନେଟିକ ଓ ଅନ-କାଇନେଟିକ ପଦ୍ଧତିରେ ନିଷ୍କ୍ରିୟ କରିଥିଲେ। ଏହି ଘଟଣା ନିମ୍ନ ଆକାଶକୁ ସୁରକ୍ଷିତ କରିବା ଓ



ସମନ୍ୱିତ କାଉଣ୍ଟର-ୟୁଏଏସ ସିଷ୍ଟମ ବିକାଶର ଆବଶ୍ୟକତାକୁ ପ୍ରମାଣ କରିଛି। ସେ କହିଛନ୍ତି, "ଡ୍ରନ ଗୁଡ଼ିକ ସହଜ, ସନ୍ଧାନ କରିବା କଷ୍ଟକର ଓ ଅତ୍ୟାଧୁନିକ। ଏହା ପାରମ୍ପରିକ ସାମରିକ ଚିନ୍ତାଧାରାକୁ ବଦଳାଇ ଦେଇଛି।" ବିଦେଶୀ ପ୍ରଯୁକ୍ତିରେ ନିର୍ଭର କରିବା ଅପେକ୍ଷା ସ୍ୱଦେଶୀ ଡ୍ରୋନ ବିକାଶ ଉପରେ ଜୋର ଦେଇ ସେ କହିଛନ୍ତି, "ବିଦେଶୀ ସିଷ୍ଟମର ସୀମା ରହିଛି, ଯାହାର ସ୍ପେସିଫିକେସନ ଶତ୍ରୁଙ୍କୁ ଜଣାଥାଏ।" ଜେନେରାଲ ଚୌହାନ ଆଗାମୀ ଯୁଦ୍ଧ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି, "ଆଜିର ଯୁଦ୍ଧ ଆସନ୍ତାକାଲିର ପ୍ରଯୁକ୍ତି ସହ ଲଢ଼ାଯିବ।" ଏହା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାର ରଣନୀତିକୁ ପ୍ରତିଫଳିତ କରୁଛି।

## ମୃତ୍ୟୁ ପରେ ବି ଆଧାର ସକ୍ରିୟ !

ନୂଆଦିଲ୍ଲୀ : ଭାରତରେ ଆଧାର କାର୍ଡର ପ୍ରଚଳନ ୧୪ ବର୍ଷ ତଳୁ ଆରମ୍ଭ ହୋଇଛି। ଏହି ୧୪ ବର୍ଷ ମଧ୍ୟରେ କୋଟି କୋଟି ଲୋକ ସେମାନଙ୍କ ଆଧାର କାର୍ଡ କରିଛନ୍ତି। ସେହିପରି ୧୪ ବର୍ଷ ମଧ୍ୟରେ ଲକ୍ଷାଧିକ ଲୋକ ପ୍ରାଣ ମଧ୍ୟ ହରାଇଛନ୍ତି। ହେଲେ ୟୁଆଇଡିଏଆଇ କେବଳ ୧.୧୫ କୋଟି ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି। ମୃତ୍ୟୁ ପରେ ବି ଲକ୍ଷାଧିକ ଲୋକଙ୍କ ଆଧାର ନମ୍ବର ସକ୍ରିୟ ରହିଛି। ଦେଶର ମୃତ୍ୟୁହାର ତୁଳନାରେ ନିଷ୍କ୍ରିୟ ହୋଇଥିବା ଆଧାର ନମ୍ବର ଯଥେଷ୍ଟ କମ ବୋଲି ସୂଚନା ଅଧିକାର ଆଇନ ବଳରେ ସ୍ପଷ୍ଟ ହୋଇଛି। ଆରଟିଆଇ ବଳରେ ମିଳିଥିବା ତଥ୍ୟ ଅନୁସାରେ, ୨୦୨୫ ଜୁନ ସୁଦ୍ଧା ଭାରତରେ ୧୪୨.୩୯ କୋଟି ଆଧାର କାର୍ଡ ଧାରୀ ରହିଛନ୍ତି। ୟୁନାଇଟେଡ ନେଶନ୍ସ ପପୁଲେସନ ଫଣ୍ଡର ତଥ୍ୟ କହୁଛି ୨୦୨୫ ଏପ୍ରିଲ ସୁଦ୍ଧା ଦେଶର ଜନସଂଖ୍ୟା ୧୪୬.୩୯ କୋଟି ... ଅନ୍ୟପକ୍ଷରେ ସିଭି... ରେଜିଷ୍ଟ୍ରେସ... ସିଷ୍ଟମ(ସିଆରଏସ୍)... ତଥ୍ୟ କହୁଛି ... ଭାରତରେ ପ୍ରତିବ... ହାରାହାରି ୮୩.୫ ଲ... ଲୋକ ପ୍ରାଣ ହରାଉଛନ୍ତି।




୨୦୦୭ରୁ ୨୦୧୯ ଯାଏ ଏପରି ଟ୍ରେଣ୍ଡ ରହିଥିଲା। ୨୦୨୦ ଠାରୁ କରୋନା ଯୋଗୁ ମୃତ୍ୟୁହାର ବଢ଼ିଥିଲା। ସେ ଯାହା ବି ହେଉ, ଏତେ ସଂଖ୍ୟକ ଲୋକ ପ୍ରତିବର୍ଷ ପ୍ରାଣ ହରାଉଥିବା ବେଳେ ୟୁଆଇଡିଏଆଇର ଆଧାର ଡିଆକ୍ଟିଭେସନ ସଂଖ୍ୟା ଅପେକ୍ଷାକୃତ ଯଥେଷ୍ଟ କମ ରହିଛି। ମୋଟ ମୃତ୍ୟୁର ୧୦%ରୁ କମ ଆଧାର ନମ୍ବର ଅଚଳ କରାଯିବା ସମସ୍ତଙ୍କୁ ଚକିତ କରିଛି। ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ କାର୍ଡ ନମ୍ବରକୁ ଅଚଳ କରାଯିବା ପ୍ରକ୍ରିୟା ବେଶ କଷ୍ଟକର। ଏହା ପ୍ରମୁଖ ଭାବେ ବାହ୍ୟ ତଥ୍ୟ ଯଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ମୃତ୍ୟୁ ପ୍ରମାଣପତ୍ର ଓ ପରିବାର ଲୋକଙ୍କ ଅପଡେଟ ଉପରେ ନିର୍ଭର କରିଥାଏ। ୟୁଆଇଡିଏଆଇ ୨୦୦୯ରେ ପ୍ରତିଷ୍ଠା ହୋଇଥିଲା ଓ ପ୍ରଥମ ଆଧାର ନମ୍ବର ୨୦୧୦ ମସିହା ନମ୍ବର ୨୯ରେ ଜାରି କରାଯାଇଥିଲା। ମହାରାଷ୍ଟ୍ରର ନନ୍ଦୁରବାରରେ ରହୁଥିବା ଜଣେ ମହିଳା ଦେଶ ପ୍ରଥମ ଆଧାର କାର୍ଡ ପାଇଥିଲେ। ଆଧାର କାର୍ଡ ଏଯାଏ କେତେ ଲୋକ ପାଇ ନାହାନ୍ତି ବା କେତେ ଲୋକଙ୍କ ପାଖରେ ଆଧାର କାର୍ଡ ନାହିଁ ବୋଲି ପ୍ରଶ୍ନର ଉତ୍ତର ମିଳିନି। ସେଭଳି ତଥ୍ୟ ସରକାରଙ୍କ ପାଖରେ ନଥିବା ଆରଟିଆଇ ଜରିଆରେ ସ୍ପଷ୍ଟ ହୋଇଛି।

# 'ଭୋଟର ଲିଷ୍ଟରେ ନାମ ନ ଥିଲେ ଯିବାକୁ ପଡ଼ିବ ଜେଲ' : ମମତା

କୋଲକାତା : ବୁଧବାର ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ପ୍ରବାସୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୋଲକାତାରେ ତୃଣମୂଳ କଂଗ୍ରେସର ଏକ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ମମତାଙ୍କ ସହ ତାଙ୍କ ଏମପି ଭଣଜା ଏବଂ ତୃଣମୂଳ ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଦଳର ନେତାମାନେ ଥିଲେ। ପଦଯାତ୍ରା ପରେ ମମତା ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରେ ଯେଉଁମାନଙ୍କର ନାମ



ନାହିଁ ସେମାନଙ୍କୁ ଜେଲ ପଠାଯିବ। ତୃଣମୂଳ କଂଗ୍ରେସ ଦ୍ୱାରା ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେବା ସମୟରେ ମମତା ଭାଜପା ଏବଂ କେନ୍ଦ୍ର ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ ଏବଂ କହିଥିଲେ ଯେ ମୁଁ ବଙ୍ଗାଳୀମାନଙ୍କ ଉପରେ ଅତ୍ୟାଚାର ସହ୍ୟ କରିବି ନାହିଁ। ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଥିଲେ ଯେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ଲୋକମାନଙ୍କୁ ବାଂଲାଦେଶୀ ଏବଂ ବିଦେଶୀ କହି ନିର୍ଯାତନା ଦିଆଯାଉଛି ଏବଂ ଜେଲ ଏବଂ ଡିଟେନସନ କ୍ୟାମ୍ପକୁ ପଠାଯାଉଛି। ସେ ପଚାରିଥିଲେ ଯେ ବଙ୍ଗଳା ଦେଶର ଏକ ଅଂଶ ନୁହେଁ କି? ଏହା ବ୍ୟତୀତ ସେ ଅଭିଯୋଗ କରିଥିଲେ ଯେ ଅନ୍ୟ ରାଜ୍ୟରେ ବସି ବଙ୍ଗଳା ଭୋଟରଙ୍କ ନାମ ବାଦ ଦିଆଯାଉଛି। ସେ ନିର୍ବାଚନ କମିଶନଙ୍କୁ ଭାଜପା ପାଇଁ ଦଲାଲ ଭାବରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ପଶ୍ଚିମବଙ୍ଗ କ'ଣ ଭାରତରେ ନାହିଁ? ଏହା କ'ଣ ଦେଶର ଏକ ଅଂଶ ନୁହେଁ? ଏପରି ଅନେକ ରାଜ୍ୟ ଅଛି ଯେଉଁଠାରେ କେବଳ ଗୋଟିଏ ଭାଷା କୁହାଯାଏ। ଏହାର ଅର୍ଥ ନୁହେଁ ଯେ ସେହି ଲୋକମାନଙ୍କୁ ଜେଲରେ ପକାଇବା ଉଚିତ। ଦିଦି କହିଥିଲେ ଯେ ଯେତେବେଳେ ହିନ୍ଦୀ ଭାଷାଭାଷୀମାନଙ୍କୁ ମହାରାଷ୍ଟ୍ରରୁ ବାହାର କରାଯାଇଥିଲା, ଆମେ ପ୍ରଥମେ ଆମର ସ୍ୱର ଉଠାଇଥିଲୁ। ଆମେ ଏଠାରେ ରହୁଥିବା ବିଭିନ୍ନ ରାଜ୍ୟର ସମସ୍ତ ଲୋକଙ୍କୁ ସମ୍ମାନ କରୁ, ସେମାନେ ଶ୍ରମିକ, ବ୍ୟବସାୟୀ, ଦୋକାନୀ, ହକର କିମ୍ବା କର୍ମଚାରୀ ହେଉ। ଆମେ କେବେ ସେମାନଙ୍କ ଉପରେ ଆକ୍ରମଣ କରିବୁ ନାହିଁ କାରଣ ସେମାନେ ଆମର ଏବଂ ଆମ ଦେଶର ଅଂଶ। ଆମେ ସେମାନଙ୍କୁ ଭଲ ପାଉ। ଆମେ ପ୍ରତ୍ୟେକ ଭାଷାକୁ ସମ୍ମାନ କରୁ।

# ଲର୍ଡ୍ସ ପରାଜୟ ପରେ ଫସରେ ନାଏର, ଚିନ୍ତାରେ ଗମ୍ଭୀର

ଲଣ୍ଡନ,୧୬।୦୭: ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ। ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ ସିରିଜର ଚତୁର୍ଥ ମୁକାବିଲା ମାଞ୍ଚେଷ୍ଟର ସ୍ଥିତ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ତୃତୀୟ ଟେଷ୍ଟର ପରାଜୟକୁ ଭୁଲିବା ସହଜ ନଥିଲେ ହେଁ ଆଗକୁ ଆଉ ୨ଟି ମ୍ୟାଚ୍ ରହିଥିବାରୁ ଏବେ ବି ସିରିଜ ଜିତିବାର ସଯୋଗ ରହିଛି। ତେଣୁ ପରାଜୟ ଦୁଃଖ ଭୁଲି ପରବର୍ତ୍ତୀ ମ୍ୟାଚ୍ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ପଡ଼ିବ। ଦଳ ପାଇଁ ଏବେ ବିଜୟ ଜରୁରି ହୋଇ ପଡ଼ିଛି। ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି। ତେଣୁ ଭାରତକୁ ଏହି ସିରିଜ ଜିତିବାକୁ ହେଲେ ଶେଷ ୨ଟି ଯାକ ଟେଷ୍ଟରେ ବିଜୟ ହାସଲ କରିବାକୁ ପଡ଼ିବ। ଇଂଲଣ୍ଡ ଦଳକୁ ସେମାନଙ୍କ ଘରୋଇ ଗ୍ରାଉଣ୍ଡରେ ହରାଇବା ସହଜ ନୁହେଁ ବୋଲି ମଧ୍ୟ ଭାରତୀୟ ଦଳ ଉପଲବ୍ଧି କରିସାରିଛି। ତେଣୁ ଚତୁର୍ଥ ଟେଷ୍ଟରେ ଉପଯୁକ୍ତ ରଣନୀତି ଓ ଶ୍ରେଷ୍ଠ ଏକାଦଶ ସହ ଭାରତ ଗ୍ରାଉଣ୍ଡକୁ ଓହ୍ଲାଇବା ଜରୁରି।

ବିଜୟ ମନ୍ତ୍ର ପଢ଼ାଇବେ ଗୁରୁ ଗମ୍ଭୀର: ଲିଡ୍ସ ପରେ ଲର୍ଡ୍ସ ପରାଜୟ ପରେ ଗୌତମ ଗମ୍ଭୀରଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିବାର ଆବଶ୍ୟକତା ରହିଛି।ଗତ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତର ପରାଜୟକୁ ନେଇ କେବଳ ରୋହିତ ଶର୍ମାଙ୍କୁ ଦାୟୀ କରାଯାଇଥିଲା। ଏପରିକି ଅଧିନାୟକ ଥାଇ ମଧ୍ୟ ସେ ସିଡନୀ ଟେଷ୍ଟରେ ଏକାଦଶରୁ ଓହରିବାକୁ ବାଧ୍ୟ ହୋଇଥିଲେ ସେତେବେଳେ କେହି ଗମ୍ଭୀରଙ୍କ। ଉପରେ ନଜର ଦେଇ ନଥିଲେ। ଡ୍ରେସିଂ ରୁମ୍ ଆଲୋଚନାକୁ ବାହାରେ ପ୍ରକାଶ କରିବା ନେଇ ଏକ ବିବାଦ ଉଠିଥିଲା ।ଏଥିରେ ଗମ୍ଭୀର ହିରୋ ଓ ଅଭିଷେକ ନାୟାର (ସହକାରୀ କୋଚ) ଖଳନାୟକ ସାବ୍ୟସ୍ତ ହୋଇଥିଲେ ପରେ ନାୟାରଙ୍କୁ ବାଦ ଦିଆଯାଇଥିଲା । ଏବେ ରୋହିତଙ୍କ ସମେତ ବିରାଟ କୋହଲି ମଧ୍ୟ ଟେଷ୍ଟରୁ ଅବସର ନେଇ ସାରିଛନ୍ତି। ରବି ଅଶ୍ୱିନଙ୍କୁ ପୂର୍ବରୁ ବିଦାୟ ରାସ୍ତା ଦେଖା ସରିଛି।

ଇଂଲଣ୍ଡରେ ପ୍ରଥମ ୩ଟିରୁ ୨ଟି ମ୍ୟାଚ





ହାରିବା ପରେ ଗମ୍ଭୀରଙ୍କ ରଣ କୌଶଳକୁ ନେଇ ପ୍ରଶ୍ନ ଉଠିବାର ସମୟ ଆସିଛି। ଯୁବ ଦଳକୁ ବିଜୟ ମନ୍ତ୍ର ଶିଖାଇବାରେ ଗମ୍ଭୀର ବିଫଳ ହୋଇଥିବା ସ୍ପଷ୍ଟ ଜଣା ପଡୁଛି ପରବର୍ତ୍ତୀ ୨ଟି ଟେଷ୍ଟର ଫଳାଫଳ ଗମ୍ଭୀରଙ୍କ ଦକ୍ଷତାର ପର୍ଦ୍ଦାଫାଶ କରିବ।

ନାଏର ବନାମ ସୁଦର୍ଶନ: ତୃତୀୟ ଟେଷ୍ଟରେ ପରାଜୟ ପରେ ପୁଣି ଥରେ କରୁଣ ନାଏରଙ୍କ ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠିଛି ଘରୋଇ କ୍ରିକେଟ୍‌ରେ ଅପର୍ଯ୍ୟାପ୍ତ ରନ କରି ନାଏର ଟେଷ୍ଟ ଦଳକୁ ଧଶେଇ ପଶିଥିଲେ ହେଲେ ରଣଜୀ ଟ୍ରଫି ପ୍ରଦର୍ଶନକୁ ସେ ଏପର୍ଯ୍ୟନ୍ତ ଦୋହରାଇ ପାରି ନାହାନ୍ତି ୬ଟି ଇନିଂସରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ଅର୍ଜନ କରିପାରି ନାହାନ୍ତି ତେଣୁ ଭାରତ ଏବେ ପୁଣି ଥରେ ବ୍ୟାଟିଂ କ୍ରମର ୩ନଂ ସ୍ଥାନକୁ ନେଇ ସମୀକ୍ଷା କରିବାର ସମୟ ଆସିଛି ବିଫଳ ନାଏରଙ୍କ ସ୍ଥାନରେ ୨୧ବର୍ଷିୟ ସାଇ ସୁଦର୍ଶନଙ୍କୁ ଆଉ ଥରେ ସୁଯୋଗ ଦେବାରେ କିଛି ଅସୁବିଧା ନାହିଁ ବାକି ଦଳକୁ ଅପରିବର୍ତ୍ତିତ ରଖିବା ଜରୁରି।

ନିମ୍ନ ବ୍ୟାଟିଂ କ୍ରମର ଯୋଗଦାନ: ଲର୍ଡ୍ସ ଟେଷ୍ଟରେ ଭାରତୀୟ ଦଳର ତାରକା ବ୍ୟାଟର ଫେଲ ମାରିଥିଲେ ମାତ୍ର ନିମ୍ନ ଭାଗରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଲଢୁଆ। ବ୍ୟାଟିଂ କରିଥିଲେ। ରବିନ୍ଦ୍ର ଜାଡେଜା କ୍ରିଜରେ ଅପରାଜିତ ଥିବାରୁ ବୁମରା ଓ ସିରାଜଙ୍କ ବ୍ୟାଟ୍‌ରୁ ଦଳ ରନ ଆବଶ୍ୟକ କରୁନଥିଲା ।କେବଳ ଜାଡେଜାଙ୍କୁ ସାଥ୍ ଦେବାର ଆବଶ୍ୟକତା ଥିଲା। ଜାଡେଜାଙ୍କ ସହ ବୁମରା ୨୨ ଓଭର ବ୍ୟାଟିଂ କରିଥିଲେ ଓ ମ୍ୟାଚ୍‌କୁ ଶେଷ ଅଧିବେଶନକୁ ଟାଣି ନେଇଥିଲେ। ପରେ ସିରାଜ ମଧ୍ୟ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଶେଷରେ ଭାଗ୍ୟ ସାଥ୍ ନଦେବାରୁ ସେ ଆଉଟ୍ ହୋଇଥିଲେ।

ଭାରତ ୮ଜଣ ବ୍ୟାଟର ଓ ବ୍ୟାଟିଂ ଅଲରାଉଣ୍ଡର ନେଇ ଖେଳୁଛି। ତଥାପି ନିମ୍ନ ଭାଗ ରନ ସଂଗ୍ରହ କରିପାରୁ ନାହିଁ ଜାଡେଜାଙ୍କ ପରେ ବ୍ୟାଟିଂ ବିଭାଗ ଶୂନ୍ୟ ମନେ ହେଉଛି। ଅପରପକ୍ଷରେ ଦେଖିବାକୁ ଗଲେ ୯ନଂ ସ୍ଥାନରେ ଇଂଲଣ୍ଡର ବ୍ରାଇଡନ କାର୍ସ ବ୍ୟାଟିଂ କରିବାକୁ ଆସି (ଲର୍ଡ୍ସ) ୫୬ ରନ୍‌ର ଇନିଂସ ଖେଳିଥିଲେ। ବାକି ମ୍ୟାଚ୍ ଜିତିବାକୁ ହେଲେ ନିମ୍ନ ଭାଗ ବ୍ୟାଟରଙ୍କୁ କିଛି ରନ ସଂଗ୍ରହ କରିବାକୁ ହେବ। ବିଶେଷ କରି ୱାସିଂଟନ ସୁନ୍ଦର ଓ ନୀତିଶ କୁମାର ରେଡ୍ଡୀଙ୍କ ବ୍ୟାଟରୁ ଉପଯୋଗୀ ଇନିଂସ କିମ୍ବା ଦାୟିତ୍ୱପୂର୍ଣ୍ଣ ଭାଗିଦାରୀ ଆବଶ୍ୟକ।

ଅପରିବର୍ତ୍ତିତ ମନୋଭାବ: ଲର୍ଡ୍ସରେ ଦଳ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲା ।ତଥାପି ବିଜୟଠୁ ୨୨ ରନ ପଛରେ ରହିଯାଇଥିଲା। ଏହି ମ୍ୟାଚରେ ଭାରତୀୟ ଦଳ ଆକ୍ରମଣାତ୍ମକ ମନୋଭାବ ସହ ଖେଳିଥିଲା। ଗ୍ରାଉଣ୍ଡରେ ପ୍ରଦର୍ଶନ ବ୍ୟତୀତ ସ୍ଲେଜିଂରେ ମଧ୍ୟ ଭାରତୀୟ ଦଳ ପଛଘୁଞ୍ଚା ଦେଇ ନଥିଲା ।ଫଳରେ ଅନ୍ତିମ ଦିବସ ବେଳକୁ ଲଢ଼େଇ ଜୋରଦାର ହୋଇଥିଲା । ଏହି ମନୋଭାବକୁ ମାଞ୍ଚେଷ୍ଟରରେ ମଧ୍ୟ କାଏମ ରଖିବା ଜରୁରି। ଏଥିପାଇଁ ଅଧିନାୟକ ଶୁଭମନ ଗିଲ୍ ନିଜ ଦଳକୁ ପ୍ରସ୍ତୁତ ରଖିବେ। ଇଂଲଣ୍ଡ ଉପରେ ମାନସିକ ଚାପ ପକାଇବାରେ ଏହି ମନୋଭାବ ସହାୟକ ହେବ।

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟେବୁଲ ଶୀର୍ଷରେ ଅଷ୍ଟ୍ରେଲିଆ, ଭାରତ ଚତୁର୍ଥ

ଦୁବାଇ,୧୬।୭: ଚଳିତ ସପ୍ତାହରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ନିଜ ନିଜ ଟେଷ୍ଟ ମ୍ୟାଚ୍‌ରେ ଦମଦାର ଓ ପ୍ରଭାବୀ ବିଜୟ ହାସଲ କରିଛନ୍ତି। ଦୁଇ ଦଳର ବିଜୟ ପରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲୁଟିସି)୨୦୨୫-୨୭ ପଏଣ୍ଟ ଟେବୁଲରେ ଅଦଳବଦଳ ଦେଖିବାକୁ ମିଳିଛି।

ଅଷ୍ଟ୍ରେଲିଆ। ଘରୋଇ ଟିମ ୱେଷ୍ଟଇଣ୍ଡିଜ ବିପକ୍ଷ ୩ ଟିକିଆ। ଟେଷ୍ଟ ସିରିଜକୁ ୩-୦ରେ ମୂଳପୋଛ କରିଛି। ତୃତୀୟ ଟେଷ୍ଟକୁ ଦଳ ୧୭୬ ରନରେ ଜିତିବା ପରେ ସିରିଜ କ୍ଲିନ ସୁଇପ କରିବାକୁ ସକ୍ଷମ ହୋଇଛି ତୃତୀୟ ଟେଷ୍ଟ ପିଙ୍କ ବଲ ବିଶିଷ୍ଟ ହୋଇଥିବା ବେଳେ ଏହା ୩ ଦିନ ଭିତରେ ଶେଷ ହୋଇ ଯାଇଛି।




କାରଣ ୨୦୪ ରନର ପିଛା କରୁଥିବା ୱେଷ୍ଟଇଣ୍ଡିଜ ମାତ୍ର ୨୭ ରନରେ ଅଲଆଉଟ ହୋଇଯାଇଛି। ଟେଷ୍ଟ ଇତିହାସର ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର ଟେଷ୍ଟରେ ସର୍ବନିମ୍ନ ସ୍କୋର କରିବାର ଲଜ୍ଜାଜନକ ରେକର୍ଡ ଏବେ ବି ନ୍ୟୁଜିଲ୍ୟାଣ୍ଡ ନାଁରେ ରହିଛି ।ଦଳ ୧୯୫୫ରେ ମାତ୍ର ୨୬ ରନରେ ଅଲଆଉଟ ହୋଇ ଯାଇଥିଲା ।ଅଷ୍ଟ୍ରେଲିଆର ଏପରି ଐତିହାସିକ ସଫଳତାର ଅନ୍ୟତମ ହିରୋ ମିଚେଲ ଷ୍ଟାର୍କ ଏକାକୀ ୬ଟି ୱିକେଟ ନେଇଛନ୍ତି ସେ ପ୍ରଥମ ୫ ୱିକେଟ କେବଳ ୨.୩ ଓଭରରେ ଦଖଲ କରି ଏକାଧିକ ରେକର୍ଡ ଭାଙ୍ଗି ଦେଇଛନ୍ତି। କିନ୍ତୁ ବୋଲାଣ୍ଡ ନେଇଥିବା ହ୍ୟାଟ୍ରିକ ଚର୍ଚ୍ଚାର ବିଷୟ ପାଲଟିଛି।

ୱେଷ୍ଟଇଣ୍ଡିଜ ୨୦୪ ରନର ପିଛା କରୁଥିବା ବେଳେ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ହେଲେ ୧୪ତମ ଓଭରରେ ବୋଲାଣ୍ଡ ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲେ ପ୍ରଥମେ ସେ ଜଷ୍ଟିନ ଗ୍ରେଭେସଙ୍କୁ ବେଷ୍ଟରଙ୍କ ହାତରେ କ୍ୟାଚ ଆଉଟ କରାଇଥିଲେ ପରବର୍ତ୍ତୀ ବଲରେ ଶମାର ଯୋଶେଫ ତାଙ୍କ ଶିକାର ବନିଥିଲେ ହ୍ୟାଟ୍ରିକ ବଲରେ ବୋଲାଣ୍ଡ ତାଙ୍କ ବେଗକୁ ବ୍ୟବହାର କରି ଜୋମେଲ ।ରିକାନଙ୍କୁ କ୍ଲିନବୋଲ୍ଡ କରି ଦେଇଥିଲେ। ବୋଲାଣ୍ଡ ବିଶ୍ୱର ପ୍ରଥମ ଖେଳାଳି ଯିଏ ଦିବାରାତ୍ର ଟେଷ୍ଟରେ ହ୍ୟାଟ୍ରିକ ନେବାର ରେକର୍ଡ କରିଛନ୍ତି।

ଅନ୍ୟପକ୍ଷରେ ଇଂଲଣ୍ଡ ଲର୍ଡସରେ ଭାରତକୁ ନାଟକୀୟ ଢଙ୍ଗରେ ହରାଇ ଦେଇଛି ।୨୨ ରନରେ ଦଳ ବିଜୟ ହୋଇ ପଏଣ୍ଟ ଟେବୁଲରେ ଉପରକୁ ଉଠିଛି ୧୯୩ ରନର ଟାର୍ଗେଟକୁ ପିଛା କରୁଥିବା ଭାରତ ପାଇଁ ରବୀନ୍ଦ୍ର ଜାଡେଜା ଏକାକୀ ୬୧ ରନର ଇନିଂସ ଖେଳିଥିଲେ ହେଁ ଇଂଲଣ୍ଡ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି।

ଇଂଲଣ୍ଡ ୨୨ ରନରେ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି ଏଥିସହ ଭାରତ ବିପକ୍ଷ ୫ ଟିକିଆ। ଟେଷ୍ଟ ସିରିଜରେ ୨-୧ରେ ଆଗୁଆ। ହୋଇଯାଇଛି। ଅଷ୍ଟ୍ରେଲିଆ। ୨୦୨୫-୨୭ ଟେଷ୍ଟ ଚାମ୍ପିୟନଶିପ ସାଇକେଲରେ ଏଯାଏ ୩ଟି ମ୍ୟାଚ୍ ଖେଳିଥିବା ବେଳେ ୩ଟି ଯାକରେ ଜିତି ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ରହିଛି ଇଂଲଣ୍ଡ ୩ଟି ମ୍ୟାଚ୍‌ରୁ ୨ଟିରେ ଜିତିଛି ଓ ଗୋଟିଏରେ ହାରିଛି ଇଂଲଣ୍ଡ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ୬୬.୬୭ ବିଜୟ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛି ।ଭାରତ ୪ର୍ଥ ସ୍ଥାନରେ ରହିଥିବେ ବେଳେ ୫ମରେ ବାଂଲାଦେଶ, ୬ଷ୍ଠରେ ୱେଷ୍ଟଇଣ୍ଡିଜ ରହିଛି।

## ଶ୍ରେଷ୍ଠ-୧୦କୁ ଫେରିଲେ ଶେଫାଳି

ଦୁବାଇ,୧୬।୦୭: ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଓପନର ଶେଫାଳି ବର୍ମାଙ୍କ ସ୍ଥାନରେ ଉନ୍ନତି ଘଟିଛି। ସେ ବ୍ୟାଟିଂ ତାଲିକାରେ ଶ୍ରେଷ୍ଠ-୧୦କୁ ଫେରିଛନ୍ତି । ୪ଟି ସ୍ଥାନ ଉନ୍ନତି ଘଟାଇ ନବମ ସ୍ଥାନ ରହିଛନ୍ତି ଶେଫାଳି । ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ସେ ୫ଟି ମ୍ୟାଚ୍ ଖେଳି ଦ୍ୱିତୀୟ ସର୍ବାଧିକ ୧୭୬ରନ୍ ସଂଗ୍ରହ କରିଥିଲେ ଅନ୍ୟ ପଟରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ମୃତି ମନ୍ଧନା ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ସେ ୪୪.୨୦ ଆଭରେଜରେ ମୋଟ ୨୨୧ରନ୍ କରିଥିଲେ ଅଷ୍ଟ୍ରେଲିଆର ବେଥ ମୁନି ଓ ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ବୋଲିଂ ମାନ୍ୟତା ତାଲିକାରେ ଭାରତର ରାଧା ଯାଦବ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଦୀପ୍ତି ଶର୍ମାଙ୍କ ତୃତୀୟ ସ୍ଥାନ ଅପରିବର୍ତ୍ତିତ ରହିଛି। ପାକିସ୍ତାନର ସାଦିଆ ଇକ୍‌ବାଲ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ପଟରେ ଅଷ୍ଟ୍ରେଲିଆର ଆନାବେଲ ସୁଦରଲାଣ୍ଡ ଦ୍ୱିତୀୟକୁ ଉଠିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ମଧ୍ୟ ଦୀପ୍ତି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି।

# ୧୧୪ ବର୍ଷ ବୟସରେ ଆଖିବୁଜିଲେ ପ୍ରସିଦ୍ଧ ଧାବକ ଫୌଜା ସିଂହ

## ରାସ୍ତା ପାର୍‌ବେଳେ ଧକ୍କାଦେଲା ଗାଡ଼ି

ଜଳନ୍ଧର,୧୫।୭: ପଞ୍ଜାବର ଜଳନ୍ଧର ଜିଲାରେ ଏକ ସଡ଼କ ଦୁର୍ଘଟଣାରେ ବିଶ୍ୱ ପ୍ରସିଦ୍ଧ ମାରାଥନ ଧାବକ ଫୌଜା ସିଂହଙ୍କ ମୃତ୍ୟୁ ଘଟିଛି ।ତାଙ୍କୁ ୧୧୪ ବର୍ଷ ବୟସ ହୋଇଥିଲା ଏବଂ ସେ ତାଙ୍କ ଜନ୍ମସ୍ଥାନ ବ୍ୟାସରେ ବୁଲିବାକୁ ଯାଇଥିଲେ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିବାରୁ ତାଙ୍କୁ ଜଳନ୍ଧରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।



ଆଦମପୁର ଥାନାର ଏସଏଚଓ ହରଦେବପ୍ରୀତ ସିଂହ କହିଛନ୍ତି, ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଥିଲା ଏବଂ ତାଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଆଧାରରେ ଗାଡ଼ି ଏବଂ ଡ୍ରାଇଭରଙ୍କୁ ଖୋଜୁଛି।

ଫୌଜା ସିଂହଙ୍କୁ ସାରା ବିଶ୍ୱରେ ପଗଡ଼ି ବାଜି ଭାବରେ ଜଣାଶୁଣା କରାଯାଇଥିଲା ସେ ତାଙ୍କ ବୟସର ଏହି ପର୍ଯ୍ୟାୟରେ ମଧ୍ୟ ସକ୍ରିୟ ନ ଥିଲେ, ବରଂ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ ରହିଥିଲେ ସେ ଅନେକ ଅନ୍ତର୍ଜାତୀୟ ମାରାଥନ ଦୌଡ଼ରେ ଅଂଶଗ୍ରହଣ କରିଥିଲେ ଏବଂ ସ୍ୱାସ୍ଥ୍ୟ, ନିଶାମୁକ୍ତି ଏବଂ ଫିଟନେସ ସମ୍ବନ୍ଧୀୟ ସାମାଜିକ ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ତାଙ୍କ ମୃତ୍ୟୁ ସହିତ ଦେଶ କେବଳ ଜଣେ ଧାବକଙ୍କୁ ନୁହେଁ ବରଂ ଏକ ଜୀବନ୍ତ ପ୍ରେରଣାକୁ ହରାଇଛି।

# ୩୪ ବର୍ଷର ରେକର୍ଡ ଭାଙ୍ଗିଲେ ସୂର୍ଯ୍ୟବଂଶୀ

ଲଣ୍ଡନ,୧୬।୭: ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଇତିହାସ ରଚିଛନ୍ତି ଏଥର ସେ ୩୪ ବର୍ଷର ପୁରୁଣା ବିଶ୍ ରେକର୍ଡ ଭାଙ୍ଗିବାର ସାକ୍ଷୀ ହୋଇଛନ୍ତି ପୁରୁଷ ସିନିୟର ଏବଂ ମହିଳା ଦଳ ପରି ଭାରତର ୧୯ ବର୍ଷରୁ କମ ଦଳ ମଧ୍ୟ ଇଂଲଣ୍ଡ ଗସ୍ତରେ ଅଛି। ବୈଭବ ସୂର୍ଯ୍ୟବଂଶୀ ସେହି ଦଳର ଏକ ଅଂଶ ଭାରତୀୟ ଦଳ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ବିପକ୍ଷରେ ଏକ ଦିନିକିଆ ସିରିଜ ସହିତ ତାର ଗସ୍ତ ଆରମ୍ଭ କରିଥିଲା। ଭାରତର ୧୯ ବର୍ଷରୁ କମ ଦଳ ୫ ଟି ଦିନିକିଆ। ସିରିଜ ୩-୨ ରେ ଜିତିଥିଲା, ଯେଉଁଥିରେ ବୈଭବ ସୂର୍ଯ୍ୟବଂଶୀ ୧୪୩ ରନର ବିସ୍ଫୋରକ ଇନିଂସ ସହିତ ସର୍ବାଧିକ ରନ କରିଥିଲେ।

ବର୍ତ୍ତମାନ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ଟି ଟେଷ୍ଟ ସିରିଜ ଖେଳାଯାଉଛି ବେକେନହାମରେ ଖେଳାଯାଇଥିବା ପ୍ରଥମ ୪ ଦିନିଆ ଯୁବ ଟେଷ୍ଟ ଡ୍ର ଥିଲା, କିନ୍ତୁ ଏଥିରେ ହୋଇଥିବା ରନ ୩୪ ବର୍ଷର ପୁରୁଣା ବିଶ୍‌ରେକର୍ଡ ଭାଙ୍ଗିଛି ବୈଭବ ସୂର୍ଯ୍ୟବଂଶୀ ଏହାର ସାକ୍ଷୀ ହୋଇଛନ୍ତି। ବେକେନହାମରେ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଯୁବ ଟେଷ୍ଟରେ, ଉଭୟ ଦଳ ମିଶି ୧୫ ଛକା ସହିତ ମୋଟ ୧୪୯୭ ରନ କରିଥିଲେ, ଯାହା ଏକ ନୂତନ ବିଶ୍ୱ ରେକର୍ଡ ଏଥିରେ ଭାରତର ୧୯ ବର୍ଷରୁ କମ ଦଳ ଉଭୟ ଇନିଂସରେ ୧୦ଟି ଛକା ସହିତ ୭୪୮ ରନ କରିଥିଲା ଇଂଲଣ୍ଡ ୭୦୯ ରନ କରିଥିଲା। ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ଏକ ଯୁବ ଟେଷ୍ଟରେ ୧୪୯୭ ରନ କରି ୩୪ ବର୍ଷ ପୁରୁଣା ବିଶ୍ ରେକର୍ଡ ଭାଙ୍ଗିଛି, ଯାହା ୧୯୯୧ ମସିହାରେ ଚେମସଫୋର୍ଡରେ ଅଷ୍ଟ୍ରେଲିଆ। ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ କରାଯାଇଥିଲା। ତାପରେ ଉଭୟ ଦଳ ମିଶି ୧୪୩୦ ରନ କରିଥିଲେଷ୍।

# ଆଇପିଏଲ୍‌ରେ କୋଚ୍ ହେବେ ବରୁଣ ଆରୋନ

ମୁମ୍ବାଇ,୧୬।୭: ଟିମ୍ ଇଣ୍ଡିଆର ପୂର୍ବତନ ଦ୍ରୁତ ବୋଲର ବରୁଣ ଆରୋନ ଲଣ୍ଡନର ଲର୍ଡ୍ସରେ ଖେଳା ଯାଉଥିବା ଭାରତ ବନାମ ଇଂଲଣ୍ଡ ତୃତୀୟ ମ୍ୟାଚ୍‌ରେ କମେଣ୍ଟ୍ରି କରୁଛନ୍ତି ଏହି ସମୟରେ ତାଙ୍କ ପାଇଁ ଆସିଛି ଗୁଡ ନ୍ୟୁଜ୍ । ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ୍)ର ଆଗାମୀ ସିଜିନରେ ବରୁଣ ଆରୋନଙ୍କୁ ଖେଳାଳି ରୁପେ ନୁହେଁ ବରଂ ଏକ ଦଳର କୋଚ୍ ଭାବେ ଦର୍ଶକ ଦେଖିବାକୁ ପାଇବେ। ସନରାଇଜର୍ସ ହାଇଦ୍ରାବାଦ(ଆଇପିଏଲ୍) ୨୦୨୬ର ସିଜିନ ପୂର୍ବରୁ ବରୁଣ ଆରୋନଙ୍କୁ ନିଜର ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି ଏସଆରଏଚ ଏହି ଘୋଷଣା ସେହି ସମୟରେ କରିଛି ଯେତେବେଳେ ଆରୋନ ଲର୍ଡ୍ସରେ କମେଣ୍ଟ୍ରି କରୁଛନ୍ତି।



୨୦୧୬ ସିଜିନର ଚାମ୍ପିଅନ ହାଇଦ୍ରାବାଦ ନିଜର ଆନୁଷ୍ଠାନିକ ଏକ୍ସରେ ବରୁଣ ଆରୋନଙ୍କୁ ନେଇ ସୂଚନା ଦେଇଛି ଫ୍ରାଞ୍ଚାଇଜ କହିଛି ଯେ, ଆମର କୋଚିଂ ଷ୍ଟାଫରେ ଜଣେ ଜବରଦସ୍ତ ଖେଳାଳିଙ୍କୁ ଯୋଡ଼ିଛୁ ।ବରୁଣ ଆରୋନଙ୍କୁ ଆମର ନୂତନ ବୋଲିଂ କୋଚ୍ ଭାବେ ସ୍ୱାଗତ ।ଏହା ପୂର୍ବରୁ ବରୁଣ ଆରୋନ ୬ଟି ଦଳର ସଦସ୍ୟ ଥିଲେ। ହେଲେ ହାଇଦ୍ରାବାଦ ପକ୍ଷରୁ ସେ କୋଚିଂ ଷ୍ଟାଫ ଭାବେ ଦଳରେ ସାମିଲ୍ ହୋଇଛନ୍ତି ହାଇଦ୍ରାବାଦ ପକ୍ଷରୁ ସେ କେବେ ଆଇପିଏଲ୍ ଖେଳି ନାହାନ୍ତି ବରୁଣ ଆଇପିଏଲ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବ, ରାଜସ୍ଥାନ ରୟାଲ୍ସ, ଗୁଜରାଟ ଟାଇଟନ୍ସ, କୋଲକାତା ନାଇଟ୍ ରାଇଡର୍ସ, ଦିଲ୍ଲୀ ଡେୟାର ଡେଭିଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳିଛନ୍ତି। ଭାରତ ପାଇଁ ୯ଟି ଟେଷ୍ଟ ଓ ୯ଟି ଦିନିକିଆ। ମ୍ୟାଚ୍ ଖେଳିଛନ୍ତି ବରୁଣ ଆରୋନ ।ଆଇପିଏଲ୍‌ରେ ବରୁଣ ମୋଟ୍ ୫୨ ମ୍ୟାଚ୍ ଖେଳି ୪୪ ୱିକେଟ୍ ନେଇଛନ୍ତି ।ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୧୬ ରନ ଦେଇ ୩ଟି ୱିକେଟ୍ ରହିଛି ।୨୦୧୧ରେ ସେ ଦିଲ୍ଲୀ ଡେୟାର ଡେଭିଲ୍ସ ପକ୍ଷରୁ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ଶେଷ ଥର ୨୦୨୨ରେ ବରୁଣ ଗୁଜରାଟ ଟାଇଟନ୍ସ ପକ୍ଷରୁ ଆଇପିଏଲ୍ ଖେଳିଥିଲେ ।

# ଟାର୍ଗେଟରେ ଶୁବମନ ଗିଲ

ନୂଆଦିଲ୍ଲୀ୧୬।୭: ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ୱନ କହିଛନ୍ତି ଯେ ଯେତେବେଳେ ଭାରତୀୟ ଅଧିନାୟକ ଶୁବମନ ଗିଲ ତୃତୀୟ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସିଥିଲେ, ସେତେବେଳେ ସେ ଟେକ୍ନିକାଲ ଭାବରେ ଦୃଢ଼ ଦେଖାଯାଉ ନଥିଲେ ଏବଂ ତାଙ୍କଠାରେ ଧୈର୍ଯ୍ୟର ମଧ୍ୟ ଅଭାବ ଥିଲା। ସେହି ସମୟରେ, ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମାଞ୍ଜରେକର ମଧ୍ୟ ସୋସିଆଲ ମିଡିଆରେ ଗିଲଙ୍କୁ ନେଇ ପୋଷ୍ଟ କରି ତାଙ୍କୁ ବିରାଟ କୋହଲି କିମ୍ବା ମହେନ୍ଦ୍ର ସିଂହ ଧୋନିଙ୍କ ବ୍ୟାଟିଂ ଶୈଳୀ ବାଛିବାକୁ କହିଥିଲେ। ଗିଲ ସିରିଜର ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ହେଡିଙ୍ଗଲିରେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ଏବଂ ପରେ ବର୍ମିହାମରେ ଶତକ ଏବଂ ଦ୍ୱିଶତକ ହାସଲ କରି ଅନେକ ରେକର୍ଡ ଭାଙ୍ଗିଥିଲେ। ତାଙ୍କ ଚମତ୍କାର ବ୍ୟାଟିଂ ଯୋଗୁଭାରତ ୩୩୬ ରନରେ ମ୍ୟାଚ ଜିତିଥିଲା ତଥାପି, ସେ ଲର୍ଡସ ଟେଷ୍ଟରେ କେବଳ ୧୬ ଏବଂ ୬ ରନ କରିପାରିଥିଲେ, ଯେଉଁଥିରେ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଏବଂ ଟେଲ-ଏଣ୍ଡର୍ସଙ୍କ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଭାରତ ୨୨ ରନରେ ହାରିଥିଲା। ୱନ ଦି ଟେଲିଗ୍ରାଫରେ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ଯେତେବେଳେ ତୃତୀୟ ଦିନରେ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷରେ ପହଞ୍ଚିଲା, ମୁଁ ଅନୁଭବ କଲି ଯେ ଏହା ଇଂଲଣ୍ଡ ଦଳକୁ ବାକି ମ୍ୟାଚରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ସକ୍ଷମ କରିବ। ଚତୁର୍ଥ ଦିନରେ ଯେତେବେଳେ



ଶୁବମନ ଗିଲ ବ୍ୟାଟିଂ କରିବାକୁ ଆସିଥିଲେ, ସେ ଟେକ୍ନିକାଲ ଭାବରେ ଦୃଢ଼ ଦେଖାଯାଉ ନଥିଲେ ଏବଂ ତାଙ୍କ ପାଖରେ ଧୈର୍ଯ୍ୟର ମଧ୍ୟ ଅଭାବ ଥିଲା, କିନ୍ତୁ ସୋମବାର ଦିନ ଏହି ରୋମାଞ୍ଚକର ଟେଷ୍ଟ ମ୍ୟାଚରେ ତାଙ୍କ ଦଳ କଠିନ ମୁକାବିଲା କରିଥିଲା। ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସଙ୍କୁ ପ୍ରଶଂସା କରି ସେ କହିଛନ୍ତି ଯେ ଆୟୋଜକ ଦଳର ରୋମାଞ୍ଚକର ବିଜୟ ଅଧିନାୟକଙ୍କ ବିଜୟୀ ମାନସିକତା ଉପରେ ଆଧାରିତ, ଯାହା ସମଗ୍ର ଦଳରେ ଦୃଶ୍ୟମାନ ଥିଲା।

ୱନ କହିଛନ୍ତି, ଇଂଲଣ୍ଡ କେବେବି ବେନ ଷ୍ଟୋକ୍ସଙ୍କ ପରି ଅଧିନାୟକ ପାଇନାହିଁ। ଜଣେ ଅଧିନାୟକ ଯିଏ କେବେ ହାର ମାନନ୍ତି ନାହିଁ। ଜଣେ ଅଧିନାୟକ ଯିଏ ଗ୍ରହଣ କରନ୍ତି ନାହିଁ ଯେ ତାଙ୍କ ଦଳ ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି ଏବଂ ତାଙ୍କ ଦକ୍ଷତା ଏବଂ ଦୃଢ଼ ଇଚ୍ଛାଶକ୍ତି ଆଧାରରେ ମ୍ୟାଚକୁ ତାଙ୍କ ସପକ୍ଷରେ ଫେରାଇଦିଏ।

ଏହିସମୟରେ, ମଞ୍ଜରେକର ତାଙ୍କ ପୂର୍ବତନ ଆକାଉଣ୍ଟରେ ଏକ ପୋଷ୍ଟରେ କହିଛନ୍ତି, ଦିତୀୟ ଇନିଂସରେ ବ୍ୟାଟିଂ କରିବା ସମୟରେ ଗିଲ ଦ୍ୱନ୍ଦ୍‌ରେ ଥିବା ଦେଖାଯାଉଥିଲେ। ସେ କିପରି ଖେଳିବେ ତାହା ନିଷ୍ପତ୍ତି ନେଇପାରି ନଥିଲେ। ବ୍ୟାଟିଂ ସମୟରେ ଇଂଲଣ୍ଡ ଦ୍ୱାରା କରାଯାଉଥିବା ସ୍ଲେଜିଂ ଯୋଗୁ ଏହା ଘଟୁଛି। ବିରାଟ ଯେତେ କ୍ରୋଧିତ ଥିଲେ, ସେ ସେତେ ଭଲ ପ୍ରଦର୍ଶନ କରିଥିଲେ। ଧୋନି ଠିକ ବିପରୀତ ଥିଲେ (ତାଙ୍କ ମନ ଯେତେ ଶାନ୍ତ ଥିଲା, ସେ ସେତେ ଭଲ ପ୍ରଦର୍ଶନ କରିଥିଲେ) ଗିଲ ନିଷ୍ପତ୍ତି ନେବେ ଯେ ବ୍ୟାଟିଂ ସମୟରେ କେଉଁ ମନୋଭାବ ତାଙ୍କୁ ଭଲ ପ୍ରଦର୍ଶନ କରିପାରିବ। ଶାନ୍ତ ରହିବା ନା ରାଗିବା।

# ମେଜର ଲିଗ୍ କ୍ରିକେଟ୍ ଟାଇଟଲ୍ ଜିତିଲା ଏମ୍‌ଆଇ ନ୍ୟୁୟର୍କ

## ତିନି ବର୍ଷ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସକୁ ଦ୍ୱିତୀୟ ଟ୍ରଫି, ସାମଗ୍ରିକ ଭାବରେ ଏହା ଏମ୍‌ଆଇର ୧୩ତମ ବିଶ୍ୱସ୍ତରୀୟ ଟାଇଟଲ୍

ମୁମ୍ବାଇ,୧୬।୭: ଏମ୍‌ଆଇ ନ୍ୟୁୟର୍କ ୨୦୨୫ ମେଜର ଲିଗ୍ କ୍ରିକେଟ୍ (ଏମଏଲସି) ଟାଇଟଲ୍ ଜିତିଛି। ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ତିନି ସିଜିନ୍ ମଧ୍ୟରେ ଦ୍ୱିତୀୟ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ବିଶ୍ୱ ସ୍ତରରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୧୩ତମ ଟାଇଟଲ୍। ମୁମ୍ବାଇ ଇଣ୍ଡିଆନ୍ସ କେବଳ ୨୦୨୫ରେ ତିନୋଟି ଟ୍ରଫି ଜିତିଛି। ପୂର୍ବରୁ, ଏମ୍‌ଆଇ କେପ୍ ଟାଉନ୍ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ଚଳିତ ବର୍ଷ ଆରମ୍ଭରେ ଡବ୍ଲୁପିଏଲରେ ଟାଇଟଲ୍ ଜିତିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ହେଉଛି ସବୁଠାରୁ ସଫଳ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଫ୍ରାଞ୍ଚାଇଜ୍ କ୍ରିକେଟ୍ ସମୂହ।



ଏହି ଅବସରରେ ନୀତା ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସ ପରିବାର ପାଇଁ ଏହା ବାସ୍ତବରେ ଏକ ବିଶେଷ ମୁହୂର୍ତ୍ତ। ତିନି ବର୍ଷ ମଧ୍ୟରେ ଆମର ଦ୍ୱିତୀୟ ଏମଏଲସି ଟ୍ରଫି ଜିତିବା ମୁମ୍ବାଇ ଇଣ୍ଡିଆନ୍ସର ଉତ୍ସାହ, ବିଶ୍ୱାସ ଏବଂ ଦଳଗତ ଉଦ୍ୟମର ବିଜୟ। ଆମେ ଆମର ସମସ୍ତ ପ୍ରଶଂସକ - ମୁମ୍ବାଇ ଇଣ୍ଡିଆନ୍ସ ପଲଟନ ପ୍ରତି କୃତଜ୍ଞ, ଯେଉଁମାନେ ସର୍ବଦା ଆମ ସହିତ ରହିଛନ୍ତି। ପ୍ରତ୍ୟେକ ଖେଳାଳି, ପ୍ରଶିକ୍ଷକ, ସମର୍ଥକ ଏବଂ ଆମର ବିଶ୍ୱବ୍ୟାପ୍ତ ମୁମ୍ବାଇ ଇଣ୍ଡିଆନ୍ସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ଅଭିନନ୍ଦନ!'

ବିଜୟ ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଆକାଶ ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସରେ ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଏମ୍‌ଆଇ ନ୍ୟୁୟର୍କ ସେମାନଙ୍କର ଦ୍ୱିତୀୟ ଏମଏଲସି ଟାଇଟଲ ଜିତିବା, ଚଳିତ ବର୍ଷ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଆମେରିକାରେ ଟାଇଟଲର ହ୍ୟାଟ୍ରିକର ଅଂଶ ଭାବରେ ଅତ୍ୟନ୍ତ ସନ୍ତୋଷଜନକ। ଏହି ସଫଳତା ଆମ ଦଳର ବର୍ଷ ବର୍ଷର ବିଶ୍ୱାସ, ସଂସ୍କୃତି ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ମୁହୂର୍ତ୍ତକୁ ସମ୍ଭବ କରିଥିବା ଏମ୍‌ଆଇ ନ୍ୟୁୟର୍କର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ।'

ମୁମ୍ବାଇ ଇଣ୍ଡିଆନ୍ସର ପାଞ୍ଚଟି ଦଳ ତିନୋଟି ମହାଦେଶ ଏବଂ ଚାରିଟି ଦେଶରେ ନିଜର ପ୍ରାଧାନ୍ୟ ବଜାୟ ରଖିଛନ୍ତି। ମୋଟ ୧୩ଟି ଚାମ୍ପିଅନସିପ୍ ଟାଇଟଲ୍ ସହିତ, ମୁମ୍ବାଇ ଇଣ୍ଡିଆନ୍ସ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଲିଗ୍‌ରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ - ଯେଉଁଥିରେ ୫ଟି ଆଇପିଏଲ ଟାଇଟଲ, ୨ଟି ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ଟାଇଟଲ୍, ୨ଟି ମେଜର୍ ଲିଗ୍ କ୍ରିକେଟ୍ ଟାଇଟଲ୍, ୨ଟି ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟାଇଟଲ୍ ଏବଂ ଆଇଏଲଟି ଟ୍ୱେଣ୍ଟି (ଏମ୍‌ଆଇ ଏମିରେଟସ, ୨୦୨୪) ଏବଂ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି (ଏମ୍‌ଆଇ କେପ୍ ଟାଉନ୍, ୨୦୨୫) ରେ ଗୋଟିଏ ଲେଖାଏଁ ଟାଇଟଲ୍ ସାମିଲ ରହିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ